## ନିଖୋଜ ମହିଳାଙ୍କ ମୃତଦେହ ନଦୀରୁ ଜବତ

ମାର୍ଶାଘାଇ, (ଡି.ଏନ.ଏ.): ମାର୍ଶାଘାଇ ଥାନା ଓଅଁରମୁଣ୍ଡା ଗ୍ରାମ ନିକଟ ଗୋବରୀ ନଦୀରୁ ରବିବାର ନିଖୋଜ ହୋଇଥିବା ଅନୁସୂୟା ନାୟକ (୨୭)ଙ୍କ ମୃତଦେହ ସୋମବାର ଜବତ ହୋଇଛି। ପୋଲିସ ମୃତଦେହ ଜବତ ପରେ ବ୍ୟବଚ୍ଛେଦ କରାଇବା ସହ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି। ଆଇଆଇସି ପି.କେ. କାନୁନ୍‌ଗୋଙ୍କ ସୂଚନା ମୁତାବକ ଅନୁସୂୟା ଶନିବାର ଭାଇଙ୍କ ହାତରେ ରାକ୍ଷୀ ବାନ୍ଧିବାକୁ ଶାଶୁଘର ରାମିଆଗଞ୍ଜରୁ ବାପଘରକୁ ଆସିଥିଲେ। ରବିବାର ସକାଳେ ଗାଧୋଇବାକୁ ଗୋବରୀ ନଦୀକୁ ଯାଇଥିବା ବେଳେ ସେ ନିଖୋଜ ହୋଇଯାଇଥିଲେ।

**ସଂକ୍ଷେପରେ**

## ୩ ଲକ୍ଷରୁ ଊର୍ଦ୍ଧ୍ୱ ଠକେଇ ଅଭିଯୋଗ

କେନ୍ଦ୍ରାପଡ଼ା ଅଫିସ,୨୩।୮: କେନ୍ଦ୍ରାପଡ଼ା ଟାଉନ ଥାନା ଅଞ୍ଚଳର ସୂର୍ଣ୍ଣଲତା ଦଳେଇ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଠକେଇ ନେଇ ଥାନାରେ ରବିବାର ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଟାଉନ ଥାନା ଅଧିକାରୀ ଜ୍ୟୋତିରଞ୍ଜନ ସାମନ୍ତରାୟ କହିଛନ୍ତି ଯେ, ମନକରପୁର ଗ୍ରାମର ଗୋଲେଖ ଚନ୍ଦ୍ର ପଡ଼ିଆରୀ ଏହି ଠକେଇରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। କେତେଜଣ ମହିଳାଙ୍କୁ ଋଣ କରାଇ ଦେବାକୁ କହି ଟଙ୍କା ଆଦାୟ କରିଥିଲେ। ଏ ନେଇ ଥାନାରେ ନଂ. ୧୯୩/୨୧ରେ ମାମଲା ହୋଇଛି। ମାମଲାର ପ୍ରାଥମିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସାମନ୍ତରାୟ ସୂଚନା ଦେଇଛନ୍ତି।

## ଡେରାବିଶରେ ଝୁଲଣ ଉତ୍ସବ ଶେଷ

ଡେରାବିଶ,୨୩।୮(ସ୍ୱ.ପ୍ର.): ଡେରାବିଶ ବ୍ଲକ ଚାଟରା ଚକଡା ପଞ୍ଚାୟତ ବହୁ ପୁରାତନ ଓଲଡି ମଠ ପରିସରରେ ୫ ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଝୁଲଣ ଉତ୍ସବ ଶେଷ ହୋଇଛି। କୋଭିଡ୍ କଟକଣା ମଧ୍ୟରେ ପାରମ୍ପାରିକ ରୀତିନୀତି ଅନୁଯାୟୀ ଶ୍ରୀଗୋପୀନାଥଜୀଉଙ୍କୁ ଘଣ୍ଟା ସଂକୀର୍ତ୍ତନ ଶୋଭାଯାତ୍ରାରେ ଅଣାଯାଉଥିଲା। ବେଢା ମଧ୍ୟରେ ପ୍ରସ୍ତୁତ ହୋଇ ରହିଥିବା ଝୁଲଣରେ ଶ୍ରୀଜୀଉ ବିଜେ କରିଥାନ୍ତି। ତେବେ ରବିବାର ସନ୍ଧ୍ୟାରେ କ୍ଷୀରୋଦ ଚନ୍ଦ୍ର ନାଥ ଓ ରବୀନ୍ଦ୍ର ମହାରଣାଙ୍କ ଝୁଲଣ ସଙ୍ଗୀତ ପରିବେଶକୁ ଭକ୍ତିମୟ କରିଥିଲା। ଏହାକୁ ମନ୍ଦିର ପରିଚାଳନା କମିଟି ଓ ସ୍ଥାନୀୟ ଅଞ୍ଚଳବାସୀ ପରିଚାଳନା କରିଥିଲେ।

## ଆଗକୁ ପଞ୍ଚାୟତ ନିର୍ବାଚନ, ଚାଲିଛି ଦଳ ବଦଳ

ରାଜନଗର,୨୩।୮(ଡି.ଏନ.ଏ.): ପଞ୍ଚାୟତ ନିର୍ବାଚନ ପାଇଁ ରାଜନଗର ନିର୍ବାଚନ ମଣ୍ଡଳୀରେ ଦଳ ବଦଳ ପ୍ରକ୍ରିୟା ଚାଲିଛି। ୮ଦିନ ତଳେ ଓସ୍ତିଆ ପଞ୍ଚାୟତରେ ବିଜେଡି ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। କଂଗ୍ରେସ, ଭାଜପାର ଆଗ ଧାଡ଼ିର ନେତା ଓ କର୍ମୀମାନେ ବିଜେଡିରେ ସାମିଲ ହୋଇଥିଲେ। ଶୁକ୍ରବାର ପଟ୍ଟାମୁଣ୍ଡାଇରେ ବିଜେଡି କାର୍ଯ୍ୟକର୍ତ୍ତା ବୈଠକରେ ଜିଲାର ପର୍ଯ୍ୟବେକ୍ଷକ ତଥା ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ଉପସ୍ଥିତିରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ୩୦ନଂ. ଜୋନର ଭାଜପା ସଭାପତି ଧୀରେନ ବିଶ୍ୱାଳ, ସମ୍ପାଦକ କିଶୋର ଚନ୍ଦ୍ର ବରାଳ, ଅର୍ଜୁନ ବିଶ୍ୱାଳ, ୩୧ନଂ. ଜୋନ ଓବିସି ସେଲ୍‌ର ସଭାପତି ଶରତ କୁମାର ଦାସ, ଓସ୍ତିଆ ପଞ୍ଚାୟତ ଭାଜପା ଯୁବ ମୋର୍ଚ୍ଚା ସଭାପତି ଅଭୟ ପାତ୍ର, ସାତଭାୟାର କମଳାକାନ୍ତ ସ୍ୱାଇଁ, ଜୟ ଗୋବିନ୍ଦ ପାତ୍ର, କଂଗ୍ରେସ କର୍ମୀ ଚନ୍ଦ୍ର ମୋହନ ଦାସ, ସୁବାସ କାଣ୍ଡାର, ପୂର୍ବତନ ସରପଞ୍ଚ ତଥା ମହିଷାସୁର ପଞ୍ଚାୟତର ବରିଷ୍ଠ କଂଗ୍ରେସ ନେତା ରବୀନ୍ଦ୍ର ପ୍ରଧାନ ଓ ତାଙ୍କ ସହିତ ହେମନ୍ତ ପ୍ରଧାନ, ନିରଞ୍ଜନ ପ୍ରଧାନ, ଜୟସିଂ ସେଠୀ ଏବଂ ଗତ ପଞ୍ଚାୟତ ନିର୍ବାଚନରେ ଭାଜପା ସମର୍ଥନରେ ସମିତି ସଭ୍ୟ ପ୍ରାର୍ଥୀ ହୋଇଥିବା ରଞ୍ଜନ କୁମାର ପ୍ରଧାନଙ୍କ ସହିତ ଗୌରାଙ୍ଗ ଚନ୍ଦ୍ର ରାଉତ, ଲକ୍ଷ୍ମୀଧର ବିଶ୍ୱାଳ, ଆଦିକନ୍ଦ ରାଉତ, ରବୀନ୍ଦ୍ର ରାଉତ, ଅମର କୁମାର ଜେନା, ଚକ୍ରଧର ବିଶ୍ୱାଳ ପ୍ରମୁଖ ବିଜେଡିରେ ସାମିଲ ହୋଇଛନ୍ତି। ବିଜେଡିର ବିକାଶ ମୂଳକ କାର୍ଯ୍ୟକୁ ଦେଖି ଦଳରେ ଯୋଗଦେଇଥିବା ବ୍ୟକ୍ତିମାନେ କହିଛନ୍ତି।

# ୧ରେ ବିଧାନସଭା ଘେରାଉ

କେନ୍ଦ୍ରାପଡ଼ା ଅଫିସ, ୨୩।୮


ଶ୍ରୀକାନ୍ତ ନାୟକ


ଅଂଶୁମାନ ମହାନ୍ତି


ଉତ୍କଳ କିଶୋର ପରିଡା


କିଶୋର ଚନ୍ଦ୍ର ପଣ୍ଡା

**ଖରସ୍ରୋତା ନଦୀରୁ ଭଦ୍ରକକୁ ପାଣି ଦେବା ବିବାଦ**

- ଜନସଭା ଦ୍ୱାରା ଆଶଙ୍କା ଦୂର ହେଉ
- ଶିଳ୍ପକୁ ପାଣି ଦେବା ବ୍ୟବସ୍ଥା ହେଉଛି
- ଜୀବନ ଜୀବିକା ପ୍ରଭାବିତ ହେବ

ଖରସ୍ରୋତା ପାଣି ବିବାଦ ଥମୁନାହିଁ। କେନ୍ଦ୍ରାପଡ଼ା ଜିଲାରେ ଏ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ଖରସ୍ରୋତା ନଦୀ ବଞ୍ଚାଅ ସଂଗ୍ରାମ ସମିତି ପକ୍ଷରୁ ଗତ ୧୫ ତାରିଖରୁ ଗଣଧାରଣା ଜାରି ରହିଛି। ଆସନ୍ତା ସେପ୍ଟେମ୍ବର ୧ ତାରିଖରେ ବିଧାନସଭା ଘେରାଉ ପାଇଁ ସଂଗ୍ରାମ ସମିତି ପକ୍ଷରୁ ପ୍ରସ୍ତୁତି ସରିଛି। ବିରୋଧୀ ଦଳ ପକ୍ଷରୁ ଏହାକୁ ରାଜ୍ୟସ୍ତରୀୟ ବିବାଦର ରୂପରେଖ ଦିଆଯାଇଛି। ସେହିପରି ଖରସ୍ରୋତା ନଦୀରୁ ପାଣି ଉଠାଇ ଭଦ୍ରକକୁ ଦିଆଗଲେ ଭିତରକନିକା ଜୈବ ବିବିଧତା ଉପରେ ପ୍ରଭାବ ପକାଇବ ଦର୍ଶାଇ ଗତ ୧୨ ଦିନ ଧରି ସମ୍ଭାବନା ଅନୁଷ୍ଠାନର ସଦସ୍ୟ ଶ୍ରୀକାନ୍ତ ନାୟକ ଅନଶନରେ ଅଛନ୍ତି। ଅପରପକ୍ଷେ ଜିଲା ପ୍ରଶାସନ ପକ୍ଷରୁ ପୋଲିସ ବଳ ଓ ସର୍ବସାଧାରଣଙ୍କ ପାଇଁ କଟକଣା ଲଗାଇ ନିର୍ମାଣ କାର୍ଯ୍ୟ ଚାଲିଛି। ଏଥିସହ ଆସନ୍ତା ୨୪ ତାରିଖ ସନ୍ଧ୍ୟାରେ ଅନଶନରତ ଶ୍ରୀକାନ୍ତଙ୍କ ସହ କଥା ହେବାକୁ ଜିଲା ପ୍ରଶାସନ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି ।

ସୂଚନାଯୋଗ୍ୟ,ଭଦ୍ରକ ଜିଲାର ୪ ବ୍ଲକ ଓ ୩ ଏନ୍‌ଏସିର ଅଧିବାସୀଙ୍କ ପାନୀୟ ଜଳଯୋଗାଣ ପାଇଁ ଚାନ୍ଦବାଲି ବ୍ଲକ ନୂଆହାଟରେ ମେଗା ପାନୀୟ ଜଳ ପ୍ରକଳ୍ପ ହେଉଛି। ତେବେ ଏହି ପ୍ରକଳ୍ପ ପାଇଁ କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣାଡିହା ନିକଟ ଖରସ୍ରୋତା ନଦୀରୁ ପାଣି ଉଠାକୁ ଆଳି ଓ ରାଜକନିକାବାସୀ ଦୁଇବର୍ଷ ହେବ ବିରୋଧ କରି ଆସୁଛନ୍ତି। ଜୀବନ, ଜୀବିକା ଓ ଭିତରକନିକା ଏହା ଦ୍ୱାରା ପ୍ରଭାବିତ ହେବ ବୋଲି ଅଞ୍ଚଳବାସୀ କହିଛନ୍ତି।

ଏ ସଂକ୍ରାନ୍ତରେ ଅନଶନକାରୀ ଶ୍ରୀକାନ୍ତ ନାୟକ କୁହନ୍ତି, ଭିତରକନିକା ପ୍ରକୃତିର ଅବଦାନ। ଏହି ରାମସାର ସାଇଟ୍‌ର ସୁରକ୍ଷା ପାଇଁ ଭିତରକନିକା ଇକୋ ସେନ୍ସିଟିଭ ଜୋନ୍ ଚିହ୍ନଟ ହୋଇଛି। ଏଥିପାଇଁ ଜୋନ୍ ମନିଟରିଂ କମିଟି ଅଛି। ଖରସ୍ରୋତାରୁ ପାଣି ଉଠାକୁ ନେଇ କମିଟି ୨୦୨୦ ଡିସେମ୍ବର ୩ ଓ ୧୫ରେ ଦୁଇଟି ବୈଠକ ହୋଇଥିଲା। ଏହି ଦୁଇ ବୈଠକର ରିଜୋଲ୍ୟୁଶନ ଗୋଟିଏ ହେବା ବେଆଇନ। ସେହିପରି ପ୍ରକଳ୍ପ କାର୍ଯ୍ୟର ୪୦ ପ୍ରତିଶତ ସମାପ୍ତ ପରେ ମନିଟରିଂ କମିଟିରେ ମଞ୍ଜୁରୀ ପାଇଁ ୧୦ ସଭ୍ୟଙ୍କ ମଧ୍ୟରୁ ୪ ଜଣଙ୍କୁ ନୋଟିସ ହୋଇ ନ ଥିବା ବେଳେ କମିଟି ବାହାରୁ ଦୁଇ ଜଣଙ୍କୁ ଏଥିରେ ସାମିଲ କରାଯାଇ ମିଛ ମଞ୍ଜୁରିପତ୍ର ପ୍ରସ୍ତୁତ କରାଯାଇଛି। ଏଥିସହ ଜିଲା ପ୍ରଶାସନ ପ୍ରକଳ୍ପ ପାଇଁ ଆଇଆଇଟି ହାଇଦ୍ରାବାଦର ଏକ ରିପୋର୍ଟକୁ ଉପସ୍ଥାପିତ କରୁଛନ୍ତି। ତେବେ ଏହି ରିପୋର୍ଟରେ ପ୍ରକଳ୍ପ ନିର୍ମାଣ ପରେ ଭିତରକନିକା ଉପରେ ପ୍ରଭାବ ସମ୍ପର୍କରେ କୌଣସି ତଥ୍ୟ ନାହିଁ।

ପାନୀୟ ଜଳ ଯୋଗାଣକୁ ନେଇ କୌଣସି ବିରୋଧ ହେବା ଉଚିତ ନୁହେଁ। କେନ୍ଦ୍ରାପଡ଼ା ଜିଲାରେ ପ୍ରକଳ୍ପକୁ ନେଇ ଏବେ ଜନ ଅସନ୍ତୋଷ ଦେଖାଦେଇଛି। ପ୍ରକଳ୍ପ ଆରମ୍ଭ ପୂର୍ବରୁ ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳରେ ଜନସଭାର ଆବଶ୍ୟକ ଥିଲା ବୋଲି କହିଛନ୍ତି ଜିଲା ବିଜେଡି ସଭାପତି ଉତ୍କଳ କିଶୋର ପରିଡ଼ା। ଏବେ ମଧ୍ୟ ସମୟ ଗଡି ଯାଇନାହିଁ। ଖରସ୍ରୋତାରୁ କେତେ ପାଣି ଉଠିବ, ଚାଷ, ପାନୀୟ ଜଳ ଓ ଭିତରକନିକା ଉପରେ ତା'ର କି ପ୍ରଭାବ ରହିବ ସେ ସଂକ୍ରାନ୍ତରେ ସ୍ଥାନୀୟ ଲୋକଙ୍କ ସହ ଜିଲା ପ୍ରଶାସନ ଆଲୋଚନା କରନ୍ତୁ। ପାନୀୟ ଜଳ ଯୋଗାଣକୁ ନେଇ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଅତ୍ୟନ୍ତ ଅଶୋଭନୀୟ ବୋଲି ସେ କହିଛନ୍ତି ।

ଭଦ୍ରକକୁ ପାଣି ଯୋଗାଣକୁ କଂଗ୍ରେସ ବିରୋଧ କରେ ନାହିଁ। ତେବେ ସ୍ଥାନୀୟ ଅଞ୍ଚଳର ଜୀବନ ଜୀବିକା ଓ ଭିତରକନିକା ପ୍ରତି ଗୁରୁତ୍ୱ ଅଧିକ ଦେବା ଆବଶ୍ୟକ। ଗ୍ରାମାଞ୍ଚଳର ଜଣେ ଲୋକଙ୍କ ପାଇଁ ରାଜୀବ ଗାନ୍ଧୀ ଡ୍ରିଙ୍କିଙ୍ଗ ୱାଟର ମିଶନରେ ଦୈନିକ ୪୦ ଲିଟର ପାଣି ବ୍ୟବସ୍ଥା ହୋଇଛି। ମାତ୍ର ଜଣ ପିଛା ଏହି ପ୍ରକଳ୍ପରେ ଦୈନିକ ୧୦୦ ଲିଟର ପାଣି ଉଠାଯିବା ପାଇଁ ଭଦ୍ରକ ଜିଲାର ଆରଡବ୍ଲ୍ୟୁଏସ୍‌ଏସ୍‌ର ଫର୍ମ ୧୨ ଜେ'ରେ ଆବେଦନ କରାଯାଇଛି। ଫଳରେ ନଦୀରୁ ଅଧିକ ପାଣି ଉଠାଇ ଧାମରାସ୍ଥିତ ଆଦାନୀ ଶିଳ୍ପ ସଂସ୍ଥାକୁ ବିକ୍ରି ପାଇଁ ବ୍ୟବସ୍ଥା ହେଉଥିବା ଆଶଙ୍କା ଦୃଢ଼ୀଭୂତ ହେଉଛି। ଏବେ ୨ଟି ମେଗା ଜଳସେଚନ ବ୍ୟବସ୍ଥା ଅଚଳ ହୋଇଥିବା ବେଳେ ଆବଶ୍ୟକୀୟ ଜଳ କେଉଁଠୁ ଆସିବ ବୋଲି ଜିଲା କଂଗ୍ରେସ ସଭାପତି ଅଂଶୁମାନ ମହାନ୍ତି ପ୍ରଶ୍ନ କରିଛନ୍ତି।

ଖରସ୍ରୋତାର ମଧୁର ଜଳ ଆଳି ଓ ରାଜକନିକାବାସୀଙ୍କ ପାଇଁ ଜୀବନ। ଏହି ଜଳ ସହିତ ଜୀବନ ଓ ଜୀବିକା ସଂଶ୍ଳିଷ୍ଟ। ଖରସ୍ରୋତା ନଦୀର ଜଳକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ଅଧିକାର ଭାବେ ପ୍ରାଥମିକତା ଦିଆଯାଉ। ଜଳସଙ୍କଟ ଜିଲାରୁ ଜଳ ଉଠାଇବା ପାଇଁ ଜିଲା ପ୍ରଶାସନ ଏବେ ତତ୍ପର ହୋଇଛି। ଏପରିକି ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରି ଲୋକଙ୍କୁ ଗିରଫ କରିଛି। କେନ୍ଦ୍ରାପଡ଼ା ଜିଲାର ୨ ମେଗା ଜଳସେଚନ, ୨ ପାନୀୟ ଯୋଗାଣ ପ୍ରକଳ୍ପ ସହିତ ଭିତରକନିକାର ବିଭବ ପାଇଁ ଏହି ନଦୀ ଜଳ ଗୁରୁତ୍ୱ ବହନ କରେ। ଏ ନେଇ ଅନୁଧ୍ୟାନ ପରେ ଭଦ୍ରକ ଜିଲାକୁ ଜଳ ଯୋଗାଣ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳବାସୀ ଚିନ୍ତା କରିବେ ବୋଲି ଭାଜପା ଜିଲା ସଭାପତି କିଶୋର ଚନ୍ଦ୍ର ପଣ୍ଡା କହିଛନ୍ତି।

## କଂଗ୍ରେସ ପକ୍ଷରୁ ପଥପ୍ରାନ୍ତ ସଭା

**ଆଳି ବିଧାୟକଙ୍କ କୁଶପୁତ୍ତଳିକା ଦାହ**



ଆଳି,୨୩।୮(ଡି.ଏନ୍.ଏ.)

ରାଜକନିକା ବରୁଣାଡିହା ନିକଟ ଖରସ୍ରୋତା ନଦୀରେ ହେଉଥିବା ମେଗା ପାନୀୟ ଜଳ ପ୍ରକଳ୍ପକୁ ବିରୋଧ କରି ସୋମବାର ଆଳି ମଧୁବନ ଛକରେ କଂଗ୍ରେସ ପକ୍ଷରୁ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ସଭା ପରେ ଆଳି ବିଧାୟକ ପ୍ରତାବ ଦେବଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ବରିଷ୍ଠ କଂଗ୍ରେସ ନେତା ସର୍ବେଶ୍ୱର ସାମଲଙ୍କ ନେତୃତ୍ୱରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ସଂଗ୍ରାମ ସମିତି ଉପଦେଷ୍ଟା ଦେବେନ୍ଦ୍ର ଶର୍ମା, ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ଆଳି ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ରାଜ ମୋହନ ସ୍ୱାଇଁ, ବ୍ଲକ ଯୁବ କଂଗ୍ରେସ ସଭାପତି କ୍ଷୀରୋଦ ବେହୁରିଆ, ରାଜକନିକା ବ୍ଲକ ସଭାପତି ମଗୁଲି ଚରଣ ବେହେରା, ଆଳି ବ୍ଲକ କଂଗ୍ରେସ ସଭାପତି ରବିନାରାୟଣ ବେହେରା, ଦର୍ପନାରାୟଣ ସାହୁ, ନକୁଳ ପରିଡ଼ା ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

## ଜବରଦଖଲରେ ଗୋଚର, ଜଙ୍ଗଲ ଜମି


ସୁନୀତି ପଞ୍ଚାୟତର ବେଣାକନ୍ଧା ବଜାର ଗୋବରୀ ନଦୀ ଶାଖାନାଳର ପାର୍ଶ୍ୱ ଜମିରେ ଲୁଣା ଜଙ୍ଗଲ କାଟି ଗଢ଼ିଉଠିଛି ବଜାର।

ମହାକାଳପଡ଼ା,୨୩।୮ (ଡି.ଏନ୍.ଏ.)

- ଗଢ଼ିଉଠିଛି ହାଟ, ବଜାର
- ଚେଇଁ ଶୋଇଛି ରାଜସ୍ୱ, ବନ ବିଭାଗ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳରେ ଅଧିକାଂଶ ସରକାରୀ ଗୋଚର ଓ ଜଙ୍ଗଲ କିସମ ଜମିକୁ ଜବରଦଖଲ କରାଯାଇ ହାଟ, ବଜାର ନିର୍ମାଣ କରାଯାଇଛି। ଏହି ଜମିରେ ଦୀର୍ଘବର୍ଷ ହେବ ବେଆଇନ ଭାବେ ଜବରଦଖଲ କରି ଲୋକେ ବସବାସ କରୁଥିବା ଅଭିଯୋଗ ହେଉଛି। ତେବେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଦେଖିବାକୁ ମିଳୁଛି। ଅନେକ ହାଟ ବଜାରର ଜମିକୁ ପ୍ଲଟିଂ କରି ବିକ୍ରି ଚାଲିଥିବା ଅଭିଯୋଗ ହେଉଛି। ଅପରପକ୍ଷେ ରାଜସ୍ୱ ବିଭାଗ ଏହି ଜମିର ଜବରଦଖଲ ପାଉତି କାଟୁଥିଲା। ଦୁଇବର୍ଷ ହେବ ପାଉତି କାଟିବାକୁ ରାଜସ୍ୱ ବିଭାଗ ପକ୍ଷରୁ ବାରଣ କରାଯାଇଛି। ଫଳରେ ଏହି ଜମି ଗୋଚର କିସମ ଯୋଗୁ ପାଉତି କାଟିବା ବନ୍ଦ କରାଯାଇଛି ବୋଲି ଚକଡା ଗଗୁଆ ସର୍କଲ ରାଜସ୍ୱ ନିରୀକ୍ଷକ ମାନସ ଚନ୍ଦ୍ର ନାଥ ସୂଚନା ଦେଇଛନ୍ତି। ବ୍ଲକର ବଟିଘର, ଜମ୍ବୁ, ସୁନିତି, ବେଣାକନ୍ଧା, ଜଗରିଯୋର, ତଣ୍ଡିଆପାଳ ଅଞ୍ଚଳରେ ହାଟ ବଜାର ହୋଇଥିବା କେତେଜଣ ସାମାଜିକ କର୍ମୀ ଅଭିଯୋଗ କରିଛନ୍ତି। ଏହି ହାଟ ବଜାରରେ ଦ୍ୱିତଳ ପ୍ରାସାଦ ନିର୍ମାଣ ସହ ବିଭିନ୍ନ ସ୍ଥାନରେ ବେଆଇନ ନିଶା ଦ୍ରବ୍ୟ କାରବାର ଚାଲିଛି। ତେବେ କିଛି ମାସ ସ୍ଥାନୀୟ ବେଣାକନ୍ଧା ହାଟଠାରେ ଗୋବରୀ ନଦୀ ଶାଖା ନାଳ ପାର୍ଶ୍ୱ ଜଙ୍ଗଲ କିସମ ଲୁଣା ଜାତୀୟ ଗଛକୁ କାଟିବା ସହ ମାଟି ଫିଲିଂ କରି ଗୋଚର ଜମିରେ ବଜାର ନିର୍ମାଣ ହେଉଛି। ରାଜସ୍ୱ ଓ ବନ ବିଭାଗ କର୍ମଚାରୀମାନେ ଦେଖିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଏହା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ଗୋଚର ଜମିରୁ ଘର ଉଚ୍ଛେଦ କରି ଉକ୍ତ ଅଞ୍ଚଳରେ ବୃକ୍ଷରୋପଣ କରାଯିବା ଜରୁରୀ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏହି ଜମିରେ ପୂର୍ବରୁ ଲୁଣା ଜଙ୍ଗଲରେ ବନୀ, ରାଇ, ସିନ୍ଦୁକା, କେରୁଅାଁ, କାଳିଆଖାଡି, ଓରୁଓ ଗଛ ସମେତ ହେନ୍ତାଳ ବଣରେ ପରିପୂର୍ଣ୍ଣ ଥିଲା। ମହାବାତ୍ୟା ପରେ ଜବରଦଖଲକାରୀ ଏହି ଅଞ୍ଚଳରୁ ଗଛ କାଟି ହାଟ ବଜାର ନିର୍ମାଣ କରିଥିଲେ। ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ସରଜମିନ ତଦନ୍ତ କରିବା ସହ ଜବରଦଖଲକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଅଞ୍ଚଳ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ମହାକାଳପଡ଼ା ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡାଙ୍କୁ ପଚାରିବାରେ ଉକ୍ତ ସ୍ଥାନର ତଦନ୍ତ କରାଯିବା ସହ ସରକାରୀ ଜମି ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଦଶିପୁରରେ ଆରଟିଆଇ ପ୍ରଶିକ୍ଷଣ ଶିବିର

ମାର୍ଶାଘାଇ, ୨୩।୮(ଡି.ଏନ.ଏ.)

ମାର୍ଶାଘାଇ ବ୍ଲକ ଦଶିପୁର ଗ୍ରାମ ନରୋତ୍ତମ ଭବନ ପରିସରରେ ସୂଚନା ଅଧିକାର ଆଇନ ସମ୍ପର୍କରେ ପ୍ରଶିକ୍ଷଣ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସୂଚନା ଅଧିକାର ଆଇନ ଅଭିଯାନ (ଓସା) କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ଆୟୋଜିତ ଶିବିରରେ ଉପଦେଷ୍ଟା ତଥା ଆଇନଜୀବୀ ଚିତରଞ୍ଜନ ବେହେରା ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ଏ ସମ୍ପର୍କରେ ଜିଲା ଆବାହକ ପ୍ରତାପ କୁମାର ମହାନ୍ତି କହିଛନ୍ତି, ସରକରୀ ଯୋଜନାର ସୁଫଳ ତୃଣମୂଳସ୍ତରରେ ପହଞ୍ଚିବା ଆବଶ୍ୟକ। ତେବେ ସାଧାରଣ ଲୋକ ପ୍ରକଳ୍ପ କିମ୍ବା ଆୟ ବ୍ୟୟର ତଥ୍ୟ ପାଉନାହାନ୍ତି। ଫଳରେ ବିଭିନ୍ନ ସମୟରେ ତଥ୍ୟ ଅଭାବରେ ଅନିୟମିତତା ପଦାକୁ ଆସି ପାରୁନାହିଁ। ଗ୍ରାମାଞ୍ଚଳରେ ସଚେତନତା ସୃଷ୍ଟି ପାଇଁ ଏହି ଶିବିର ଆୟୋଜନ କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମକୁ ପ୍ରକାଶ ଦାସ, ଅମିତାଭ ଚାନ୍ଦ, ପବିତ୍ର ପାଣି, ହରେକୃଷ୍ଣ ପାତ୍ର, ପବିତ୍ର ପାଣି, ଆଳୟ ସାମନ୍ତରାୟ ପ୍ରମୁଖ ପରିଚାଳନା କରିଥିଲେ। ଶିବିରରେ ମହାକାଳପଡ଼ା ଓ ମାର୍ଶାଘାଇ ବ୍ଲକ ଅଞ୍ଚଳର ୩୦ରୁ ଅଧିକ ଲୋକ ପ୍ରଶିକ୍ଷଣ ନେଇଥିଲେ।



## ବିଲ୍ ପୈଠ ଆଳରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ


ଚାଷଜମିରେ ଗୋରୁ ଚରୁଛନ୍ତି ।

**ପଡ଼ିଆ ପଡ଼ିଛି ଶତାଧିକ ଏକର ଜମି**

ପଟ୍ଟାମୁଣ୍ଡାଇ,୨୩।୮(ସ୍ୱ.ପ୍ର.)

ନିଅଣ୍ଟିଆ ବର୍ଷା ଯୋଗୁ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ପାଣି ଅଭାବରୁ ଧାନ କ୍ଷେତ ଫାଟି ଆଁ କରିଛି । ବିଲକୁ କେନାଲ ପାଣି ଯୋଗାଇବା ବ୍ୟବସ୍ଥା ବି ନାହିଁ। ଚାଷୀଙ୍କ ପାଇଁ କେବଳ ଉଠାସେଚ ପଏଣ୍ଟ ସାହା ଭରସା ସାଜିଛି। ଲକ୍ଷାଧିକ ଟଙ୍କା ବ୍ୟୟରେ ଏହି ପଏଣ୍ଟ ଖୋଲାଯାଇଛି। ହେଲେ ବିଦ୍ୟୁତ୍ ବିଭାଗ ପୁରୁଣା ବିଲ ପୈଠ ଆଳରେ ଉଠାସେଚ ପଏଣ୍ଟଗୁଡିକରୁ ସଂଯୋଗ ବିଚ୍ଛିନ୍ନ କରିଦେବା କାରଣରୁ ଏପର୍ଯ୍ୟନ୍ତ ବିଲକୁ ଲଙ୍ଗଳ ଯାଇନାହିଁ। ଏପରି ସମସ୍ୟା ଭୋଗୁଛନ୍ତି ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳ ବାଛରା ଓ ମଣ୍ଡପଡା ଗ୍ରାମର ଚାଷୀ। ପାଣି ନ ଥିବାରୁ ଶତାଧିକ ହେକ୍ଟର ଚାଷ ଜମି ପଡିଆ ପଡିଛି। ଜମିରେ ଗୋରୁ ଚରୁଛନ୍ତି। ବାଛରା ଓ ମଣ୍ଡପଡା ଗାଁରେ ବୋରୱେଲ ଦ୍ୱାରା ଉଠାସେଚ ପଏଣ୍ଟ ମାଧ୍ୟମରେ ପାଣି ଉଠାଇ ଚାଷୀମାନେ ପନିପରିବା ଓ ଧାନଚାଷ କରିଥାନ୍ତି। ଚଳିତବର୍ଷ ଅଳ୍ପ ବୃଷ୍ଟିପାତ ଯୋଗୁ ଭାଦ୍ରବରେ ମଧ୍ୟ ରୁଆପୋତା କାର୍ଯ୍ୟ ଆଗେଇ ପାରିନାହିଁ। ଏପରି ସ୍ଥିତିରେ ପୁରୁଣା ବିଦ୍ୟୁତ୍ ବିଲ ପୈଠ ଆଳରେ ବିଭାଗ ଉଠାସେଚ ପଏଣ୍ଟଗୁଡିକରୁ ସଂଯୋଗ ବିଚ୍ଛିନ୍ନ କରିଦେବା ଫଳରେ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ସରକାର ବିଦ୍ୟୁତ୍ ବଣ୍ଟନ ଦାୟିତ୍ୱ ଟାଟା କମ୍ପାନୀକୁ ହସ୍ତାନ୍ତର କଲା ପରେ ବିଲ ଆଦାୟକୁ ନେଇ ଜୁଲମ ବଢ଼ିଛି। ପ୍ରତିବର୍ଷ ବନ୍ୟା, ବାତ୍ୟା, ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ସାମନା କରି ଧୋୟାଞ୍ଚଳ ଚାଷୀ ତଳିତଳାନ୍ତ ହୋଇଯାଇଛନ୍ତି। ଏପରି ପରିସ୍ଥିତିରେ ବାକିଥିବା ବିଦ୍ୟୁତ୍ ବିଲ ପୈଠ କରିବା ସମ୍ଭବ ହୋଇପାରିନାହିଁ। ହେଲେ ଉପରୁ ନିର୍ଦ୍ଦେଶ ଅଛି ଆମ୍ଭେ କିଛି କରିପାରିବୁ ନାହିଁ ବୋଲି ପଟ୍ଟାମୁଣ୍ଡାଇ ବିଦ୍ୟୁତ୍‌ସବ୍‌ଡିଭିଜନ କାର୍ଯ୍ୟାଳୟ ପକ୍ଷରୁ ଚାଷୀମାନଙ୍କୁ ରୋକଠୋକ ଶୁଣାଇ ଦିଆଯାଇଛି। ବାଛରା-ମଣ୍ଡପଡା ଗାଁର ବିଚିତ୍ରାନନ୍ଦ ପ୍ରଧାନ, ବରାହ ସାମଲ, ଅଭିରାମ ସାମଲ, ଖଗେଶ୍ୱର ବେହେରା, ପବିତ୍ର ପଣ୍ଡା, ବାସୁଦେବ ପଣ୍ଡା, ବାବାଜୀ ଦାସ, ରଞ୍ଜିତ୍ ମଲିକ, ଫଗୁ ପ୍ରଧାନ, ଇନ୍ଦ୍ରମଣି ପ୍ରଧାନ, ସନାତନ ଗେରୁ, ବୀରକିଶୋର ପ୍ରଧାନ, ବାବାଜୀ ସ୍ୱାଇଁ ପ୍ରମୁଖ ଚାଷୀମାନଙ୍କ ଉଠାସେଚ ପଏଣ୍ଟରୁ ବିଦ୍ୟୁତ ସଂଯୋଗ ପାଇଁ ଦାବି କରିଛନ୍ତି।

## ରାଜନଗର ବ୍ଲକରେ ୨୨, ୪୮, ୭୦୦ ଭତ୍ତା ଟଙ୍କା ହଡ଼ପ

**ଜିଆର୍‌ଏସ୍, ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ**

ରାଜନଗର, ୨୩।୮(ଡି.ଏନ.ଏ.)

କେନ୍ଦ୍ର ଓ ରାଜ୍ୟ ସରକାର ଅସହାୟ, ବିଧବା, ଭିନ୍ନକ୍ଷମ, ବୃଦ୍ଧାବୃଦ୍ଧଙ୍କୁ ମାସିକ ଭତ୍ତା ଯୋଗାଇ ଦେଇ ଆସୁଛନ୍ତି। କିନ୍ତୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଜିଆର୍‌ଏସ୍ ଭତ୍ତା ବଣ୍ଟନ ପରେ ବଳକା ରହିଥିବା ଅର୍ଥକୁ ସରକାରୀ ତହବିଲରେ ଜମା ନ କରି ଲୁଚିଛନ୍ତି। କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକରେ ଦୀର୍ଘଦିନ ହେବ ବିଭିନ୍ନ ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଜିଆର୍‌ଏସ୍‌ମାନେ ସରକାରୀ ଭତ୍ତା ବାବଦକୁ ୨୨ ଲକ୍ଷ ୪୮ ହଜାର ୭ଶହ ଟଙ୍କାକୁ ହଡପ କରିଛନ୍ତି। ଲୋକାଲ ଫଣ୍ଡ ଅଡିଟ୍ ସମୟରେ ସରକାରୀ ଭତ୍ତା ଟଙ୍କା ହଡପ ସମ୍ପର୍କରେ ଜଣାପଡିଛି। ପରେ ସମ୍ପୃକ୍ତ ଜିଆର୍‌ଏସ୍ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ହଡପ ଟଙ୍କା ଫେରସ୍ତ କରିବା ଓ ୧୮ ପ୍ରତିଶତ ସୁଧ ସହ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଲୋକାଲ ଫଣ୍ଡ ଅଡିଟର ଜଏଣ୍ଟ ଡାଇରେକ୍ଟର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମୁଖ୍ୟ ସଚିବଙ୍କୁ ସୁପାରିସ କରିଛନ୍ତି।

ଅଡିଟ୍ ରିପୋର୍ଟ ଆସିବା ପରେ ସରକାରୀ ଅର୍ଥ ହଡପକାରୀ ୧୩ ଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଜିଆର୍‌ଏସ୍ ପରବର୍ତ୍ତୀ ସମୟରେ ୮ ଲକ୍ଷ ୬୬ ହଜାର ୭ଶହ ଟଙ୍କା ଫେରାଇଛନ୍ତି। ଏବେ ବି ୧୩ ଲକ୍ଷ ୮୨ ହଜାର ଟଙ୍କା ସରକାରୀ ତହବିଲକୁ ଫେରି ନ ଥିବାରୁ ଅଡିଟ୍ ପକ୍ଷରୁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗକୁ ଚଳିତମାସ ୧୨ ତାରିଖ ଦିନ ଏ ନେଇ ସୁପାରିସ କରାଯାଇଛି। ଏହି ଚିଠି ଅନୁଯାୟୀ, ବ୍ଲକର ୧୭ଜଣ ଜିଆର୍‌ଏସ୍ ଓ ୧୩ଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀ ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଓ ମଧୁବାବୁ ପେନ୍‌ସନ ଯୋଜନାରେ ବୃଦ୍ଧାବୃଦ୍ଧଙ୍କୁ ଦେବାକୁ ସରକାରୀ ତହବିଲରୁ ଉଠାଇଥିବା ଟଙ୍କା ମଧ୍ୟରୁ ୨୦୧୯-୨୦ ଆର୍ଥିକ ବର୍ଷରେ ୨୧, ୫୧, ୮୦୦ଟଙ୍କା ଓ ହିତାଧିକାରୀଙ୍କୁ ଅଧିକ ଭତ୍ତା ଟଙ୍କା ଦେଇଥିବା ଦର୍ଶାଇ ୯୬,୯୦୦ ଟଙ୍କା ମୋଟ ୨୨,୪୮,୭୦୦ଟଙ୍କା ଚଳୁ କରି ଦେଇଛନ୍ତି। ଅଡିଟ୍ ହେବା ପରେ ଏହି ତଥ୍ୟ ଜଣାପଡିଛି। ଅଡିଟ୍ ପରେ ବାହାଦୁର ଟୁଡୁ ୨,୨୭,୧୦୦, ବିଜୟ କୁମାର ସେଠୀ ୩୪,୨୦୦ଟଙ୍କା, ଦୁର୍ଗା ପ୍ରସାଦ କର ୧, ୭୫, ୩୦୦ଟଙ୍କା, ଇତିଶ୍ରୀ ମିଶ୍ର ୨୪,୯୦୦ଟଙ୍କା, ଜ୍ୟୋତି ରଞ୍ଜନ ସାମଲ ୩୮,୦୦୦ଟଙ୍କା, କ୍ଷୀରୋଦ କୁମାର ପାତ୍ର ୮୪,୦୦୦ଟଙ୍କା, ମାନସ ରଞ୍ଜନ ପ୍ରଧାନ ୨,୧୦୦, ନିର୍ମଳ କୁମାର ବିଶ୍ୱାଳ ୪,୮୦୦ଟଙ୍କା, ପ୍ରମୋଦ କୁମାର ସାହୁ ୮,୧୦୦, ରତ୍ନାକର ଜେନା ୯୭,୮୦୦ଟଙ୍କା, ସୁକୁମାର ମଣ୍ଡଳ ୨୦,୯୦୦ଟଙ୍କା, ସ୍ୱାଧୀନ କୁମାର ସ୍ୱାଇଁ ୮୮,୫୦୦ଟଙ୍କା, ସ୍ୱର୍ଣ୍ଣପ୍ରଭା ମଣ୍ଡଳ ୬୧,୦୦୦ ଟଙ୍କା ଡିପୋଜିଟ୍ କରିଛନ୍ତି। ୭ଜଣ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଆର୍‌ଏସ୍ ସେମାନଙ୍କ ପାଖରେ ଥିବା ସମସ୍ତ ସରକାରୀ ଟଙ୍କା ଡିପୋଜିଟ କରିଥିବା ବେଳେ ୬ଜଣ ଆଂଶିକ ଟଙ୍କା ଫେରାଇଛନ୍ତି। ସବୁଠୁ ବଡକଥା ହେଲା ଭତ୍ତା ବାବଦକୁ ଉଠୁଥିବା ସରକାରୀ ଟଙ୍କା ଯେତିକି ବଣ୍ଟନ କରାଯିବ ଅବଶିଷ୍ଟ ଟଙ୍କା ସରକାରୀ ତହବିଲରେ ଡିପୋଜିଟ୍ ହେବା କଥା। ଏ ସମ୍ପର୍କରେ ରାଜନଗର ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କୁ ପଚାରିବାରୁ ଏଠାରେ ଯୋଗଦେବା ପରେ ଫାଇଲ ତନଖି କରି ଭତ୍ତା ଟଙ୍କା ରଖିଥିବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜିଆରଏସ୍‌ଙ୍କୁ ନୋଟିସ ଦେଇଥିଲି। ଟଙ୍କା ହଡପ କରିଥିବା କେତେଜଣ ତହବିଲକୁ ଟଙ୍କା ଫେରାଇ ଦେଇଛନ୍ତି ବୋଲି କହିଛନ୍ତି।

## ସାର ଯୋଗାଇବାକୁ ସମବାୟ ବିଭାଗ ଅସମର୍ଥ

**ଚିନ୍ତାରେ ଡେରାବିଶର ଚାଷୀ, ଚାଷ କାର୍ଯ୍ୟ ବାଧାପ୍ରାପ୍ତ**

ଡେରାବିଶ,୨୩।୮(ସ୍ୱ.ପ୍ର.)


ସାର ପତୁ ନ ଥିବାରୁ ଧାନ ଫସଲ ନଷ୍ଟ ହେବାକୁ ବସିଛି।

ଡେରାବିଶ ବ୍ଲକ ଅଞ୍ଚଳରେ ସାରର ଅଭାବ ଏବେ ଚାଷୀଙ୍କ ପାଇଁ ସମସ୍ୟା ପାଲଟିଛି। ରାଜ୍ୟ କୃଷି ବିଭାଗ ଚାଷୀ ଓ ଚାଷର ଉନ୍ନତି ପାଇଁ ବିଭିନ୍ନ ଯୋଜନା କରୁଛନ୍ତି। କୃଷି ବିଭାଗ ସୂଚନା ଅନୁଯାୟୀ, ବ୍ଲକ ଅଧୀନ ୨୬ ପଞ୍ଚାୟତରେ ସମୁଦାୟ ୧୧ ହଜାର ହେକ୍ଟର ଚାଷ ଜମିରେ ଚଳିତବର୍ଷ ଚାଷ କାର୍ଯ୍ୟ ହୋଇଛି। ପ୍ରଥମେ କେନାଲ ପାଣି ଓ ବର୍ଷା ଚାଷୀଙ୍କୁ ଦାଉ ସାଧୁଥିବା ବେଳେ ଧାନ ତଳି ରୁଆ ସମୟରେ ଆବଶ୍ୟକ ଡିଏପି, ପଟାସ୍ ଓ ଗ୍ରୋମର ସାର ମିଳିବାରେ ଅସୁବିଧା ହୋଇଥିଲା। ଅଧିକ ଦାମ ଦେଇ ଖୋଲା ବଜାରରୁ ଚାଷୀମାନେ ୟୁରିଆ, ଗ୍ରୋମର ଓ ପଟାସ୍ ଆଣି କୌଣସି ପ୍ରକାର ଧାନ ତଳି ରୁଆ କାମ କରିଥିଲେ। ତେବେ କୃଷି ବିଭାଗ ପକ୍ଷରୁ ପ୍ରତ୍ୟେକ ଚାଷୀଙ୍କୁ ସମବାୟ ସମିତି ଜରିଆରେ ସାର ସରକାରୀ ଦରରେ ଯୋଗାଇ ଦେବାକୁ ନିର୍ଦ୍ଦେଶ ରହିଛି। ବ୍ଲକ ଅଞ୍ଚଳରେ ୧୦ଟି ପ୍ରାଥମିକ କୃଷି ସମବାୟ ସମିତି ରହିଛି। ଏହି ସମିତିଗୁଡ଼ିକ ଅଧୀନରେ ପଞ୍ଜୀକୃତ ଚାଷୀଙ୍କ ସଂଖ୍ୟା ୨୫ ହଜାରରୁ ଊର୍ଦ୍ଧ୍ୱ ହେବ। ତେବେ ଚାଷ ପାଇଁ ଆବଶ୍ୟକ ପଡୁଥିବା ସାର ଆଣିବାକୁ ସମବାୟ ସମିତିଗୁଡ଼ିକରେ ଚାଷୀମାନେ ଯାଉଥିଲେ ମଧ୍ୟ ନିରାଶ ହୋଇ ଫେରୁଛନ୍ତି। ଅନ୍ୟପକ୍ଷରେ ପ୍ରାଇଭେଟ୍ ଡିଲରଙ୍କ ପାଖରେ ସରକାରୀ ସାର ମିଳୁ ନ ଥିବା ବେଳେ ଅଧିକ ଦରରେ ଚାଷୀମାନେ ସାର କିଣୁଥିବା ଦେଖିବାକୁ ମିଳୁଛି। ତେବେ ୟୁରିଆ ବସ୍ତା ପିଛା ସରକାରୀ ଦର ୨୬୬ ଟଙ୍କା ୫୦ ପଇସା ରହିଛି। ସମବାୟ ସମିତି ପକ୍ଷରୁ ପଟ୍ଟାମୁଣ୍ଡାଇଠାରେ ଥିବା ମାର୍କଫେଡ୍ ଗୋଦାମରୁ ବ୍ଲକ ଅଞ୍ଚଳକୁ ଆସୁଥିବା ସାରର ପରିବହନ ଖର୍ଚ୍ଚ ସମ୍ପାଦକମାନେ ବହନ କରୁଛନ୍ତି। ଫଳରେ ୟୁରିଆ ସାରର ବସ୍ତା ପିଛା ୩୦୦ ଟଙ୍କାରେ ବିକ୍ରୟ କରୁଛନ୍ତି। ମାତ୍ର ଚଳିତ ମାସ ୧୭ ତାରିଖ ସୁଦ୍ଧା ସମୁଦାୟ ୭୦ ମେଟ୍ରିକ୍ ଟନ୍ ୟୁରିଆ ସାର ସମବାୟ ସମିତିଗୁଡ଼ିକୁ ଯୋଗାଇ ଦିଆଯାଇଛି ବୋଲି ଜିଲା ଚାଷୀ ଶ୍ରମିକ ସଂଘ ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର କହିଛନ୍ତି। ମିଶ୍ରଙ୍କ ସୂଚନା ଅନୁଯାୟୀ, ଡେରାବିଶରେ ସମୁଦାୟ ୩୫୦ ମେଟ୍ରିକ୍ ଟନ ୟୁରିଆ ସାର ଆବଶ୍ୟକ ଥିବା ବେଳେ ମାତ୍ର ୭୦ ମେଟ୍ରିକ ଟନ୍ ଯୋଗାଇ ଦିଆଯାଇଛି। ହେଲେ ଜିଲା ସମବାୟ ସମିତି କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା ସାଜିଛନ୍ତି। ଅଭାବୀ ବର୍ଷା, ବିହନ, ଜଳସେଚନର ଅସୁବିଧା ସହ ସାର ସମସ୍ୟା ଚାଷୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଧାର କରଜ କରି ଚାଷ କରିଥିବା ଡେରାବିଶ ଅଞ୍ଚଳର ଚାଷୀଙ୍କ ସମସ୍ୟାର ଅନ୍ତ ପାଇଁ ଜିଲାପାଳଙ୍କୁ ଏହି ମର୍ମରେ ଏକ ଦାବିପତ୍ର ଚାଷୀ ଶ୍ରମିକ ସଂଘ ପକ୍ଷରୁ ପ୍ରଦାନ କରାଯାଇଛି। ସପ୍ତାହକ ମଧ୍ୟରେ ସାର ସମସ୍ୟାର ସମାଧାନ ନ ହେଲେ ଡେରାବିଶ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଜିଲା ଚାଷୀ ଓ ଶ୍ରମିକ ସଂଘ ନେତୃତ୍ୱରେ ଏକ ଗଣଧାରଣା ଅନୁଷ୍ଠିତ ହେବ ବୋଲି ମିଶ୍ର ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ଜିଲା ସହକାରୀ ସମବାୟ ନିବନ୍ଧକ ଶରତ ପାଣିଗ୍ରାହୀଙ୍କୁ ପଚାରିବାରେ ପଟ୍ଟାମୁଣ୍ଡାଇରେ ଥିବା ମାର୍କଫେଡ ଗୋଦାମରେ ଯେତିକି ସାର ମହଜୁଦ୍ ଥିଲା ଜିଲାର ସମସ୍ତ ସମବାୟ ସମିତିକୁ କିଛି ପରିମାଣର ୟୁରିଆ ସାର ପଠାଯାଇଛି। ତେବେ ଆସନ୍ତା ସପ୍ତାହକ ମଧ୍ୟରେ ସାର ର୍‌ୟାକ୍ ଲାଗିବା ପରେ ପ୍ରତ୍ୟେକ ସମବାୟ ସମିତିକୁ ଅଧିକ ପରିମାଣରେ ସାର ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ୩ ବଖରା ଜଳିଗଲା, ୩ ଆହତ

**ଚଣ୍ଡିଖୋଲ/ଛତିଆ,୨୩।୮(ଡି.ଏନ.ଏ.):** ଦର୍ପଣ ତହସିଲ ଅନ୍ତର୍ଗତ ସମିଆ ପଞ୍ଚାୟତ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମରେ ରବିବାର ରାତିରେ ଅଗ୍ନିକାଣ୍ଡ ଘଟି ତିନି ବଖରା ଘର ଜଳିଯାଇଛି। ଏହି ଅଗ୍ନିକାଣ୍ଡରେ ବିପନ୍ନଙ୍କ ପରିବାରର ତିନିଜଣ ଆହତ ମଧ ହୋଇଛନ୍ତି। ଗ୍ରାମର ମୀରା ନାୟକଙ୍କ ଚାଳଘରେ କୌଣସି କାରଣରୁ ନିଆଁ ଲାଗିଥିଲା। ଗ୍ରାମବାସୀ ନିଆଁ ଆୟତ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ନିଆଁ ଲାଗିବା ସମୟରେ ମୀରାଙ୍କ ବଡ଼ବୋହୂ ସବିତା, ସାନପୁଅ ସୋନୁ ଓ ତିନିବର୍ଷର ନାତୁଣୀ ଦୁର୍ଗା ଘର ଭିତରେ ରହିଯାଇଥିଲେ। ହଠାତ୍ ନିଆଁ ଲାଗିଯିବାରୁ ଏମାନେ ପଦାକୁ ଆସିବା ସମୟରେ ଆହତ ହୋଇଥିଲେ। ତିନିଜଣଙ୍କୁ ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ସେଠାରେ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଚଣ୍ଡିଖୋଲ ଅଗ୍ନିଶମ ବାହିନୀ ପହଞ୍ଚିଲା ବେଳକୁ ଘରଗୁଡ଼ିକ ସମ୍ପୂର୍ଣ୍ଣ ଜଳି ସାରିଥିଲା। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଆକଳନ କରାଯାଉଛି। ତେଣୁ ବିପନ୍ନଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

### କଳାକାରଙ୍କୁ ପରିଚୟପତ୍ର ପ୍ରଦାନ

**ଯାଜପୁର ଟାଉନ,୨୩।୮(ଡି.ଏନ.ଏ.):** ଯାଜପୁର ବ୍ଲକ ସମ୍ମିଳନୀ ଗୃହରେ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ସାମିଲ କଳାକାରଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି। ଏହି ପରିଚୟ ପତ୍ର ପାଇଁ କଳାକାରମାନେ ବିଭିନ୍ନ ସମୟରେ ଅନୁରୋଧ କରୁଥିଲେ। ଯାହା ସେମାନଙ୍କ ପରିଚୟକୁ ସୁଦୃଢ଼ କରିବ ବୋଲି ଭାରପ୍ରାପ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ କହିଛନ୍ତି। ଜିଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ସେଠୀ ଯୋଗଦେଇ କଳାକାରଙ୍କ ପାଇଁ ସରକାର ପ୍ରଣୟନ କରିଥିବା ବିବିଧ ଯୋଜନା ସମ୍ପର୍କରେ ସୂଚନା ଦେବା ସହ କଳାକାର ବିଭିନ୍ନ ଯୋଜନାର ପ୍ରଚାର, ପ୍ରସାରରେ ମୁଖ୍ୟ ଭୂମିକା ନିର୍ବାହ କରିଥାନ୍ତି ବୋଲି କହିଥିଲେ। ଯାଜପୁର ବିଡିଓ ତଥା ବ୍ଲକ କଳା ସଂସ୍କୃତି ସଂଘ ସଭାପତି ସୌରଭ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯାଜପୁର ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ନାୟକ, ଯାଜପୁର ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ଭବ ପ୍ରସାଦ ଦାସ, ବରୀ ବିଧାୟକଙ୍କ ପ୍ରତିନିଧି ଗଣେଶ୍ୱର ମହାକୁଡ଼, ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ସନ୍ତୋଷ କୁମାର ପଣ୍ଡା ପ୍ରମୁଖ କଳାକାରଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଉପଦେଷ୍ଟା ନଟବର ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜଗବନ୍ଧୁ ଓଝା ମଙ୍ଗଳାଚରଣ ଆବୃତ୍ତି କରିଥିଲେ। ଶେଷରେ ପରେଶ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ, ରାଜ୍ୟ ସରକାର ୨୦୧୮ରୁ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ପ୍ରଣୟନ କରି ମାସିକ ୧୨୦୦ ଟଙ୍କା ଲେଖାଏ କଳାକାରଙ୍କୁ ପ୍ରଦାନ କରୁଛନ୍ତି। ଜିଲାର ୨୦୦୩ କଳାକାର ଏଥିରେ ସାମିଲ ହୋଇଛନ୍ତି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବ୍ୟାପକ ଦୁର୍ନୀତି

**କୋରେଇ ବ୍ଲକ**
- ୨୧୫ ଏନ୍‌ଏଚ୍‌ରୁ ଖମିଗାଁ ରାସ୍ତାରେ ମୋରମ ପକାଇ ଅର୍ଥ ଚଳୁ

**ଯାଜପୁର ଅଫିସ/ରଗଡ଼ି(ଡି.ଏନ.ଏ.),୨୩।୮**

ଯାଜପୁର ଜିଲା କୋରେଇ ବ୍ଲକରେ ସରକାରୀ ଅର୍ଥ ଲୁଟିବା ଅଣାୟତ୍ତ ହୋଇଛି। ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସିଂହଭାଗ ଅର୍ଥ ବାଟମାରଣା ହେଉଛି। ବିଶେଷକରି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ମେଶିନ ଲଗାଇ ଶ୍ରମିକଙ୍କ ନାମରେ ବିପୁଳ ଅର୍ଥ ହରିଲୁଟ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରି ଆସୁଛନ୍ତି। କିନ୍ତୁ ଏକ ଅଦୃଶ୍ୟ ଚାପରେ କୌଣସି ତଦନ୍ତ କିମ୍ବା କାର୍ଯ୍ୟାନୁଷ୍ଠାନ ନ ହେବା ଯୋଗୁ ସରକାରଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ପରାହତ ହେଉଥିବା ମତପ୍ରକାଶ ପାଇଛି।

ସମ୍ପ୍ରତି କୋରେଇ ବ୍ଲକ ପଛିକୋଟ ପଞ୍ଚାୟତର ୨୧୫ ନମ୍ବର ଜାତୀୟ ରାଜପଥ (ଏନ୍‌ଏଚ୍) ଠାରୁ ଖମିଗାଁ ପର୍ଯ୍ୟନ୍ତ ପ୍ରାୟ ୧ କି.ମି. ରାସ୍ତାରେ ମୋରମ ଓ ମେଟାଲ ପ୍ରକଳ୍ପକୁ ଏଠାରେ ଉଦାହରଣ ଭାବେ ନିଆଯାଇପାରେ। ଏହି ପ୍ରକଳ୍ପ ପାଇଁ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ଗତ ଏପ୍ରିଲରେ ଏହି କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ରାସ୍ତାରେ ବିନା ମେଟାଲରେ କେବଳ ମୋରମ ପକାଇ କେତେଜଣ ଶ୍ରମିକଙ୍କ ନାମରେ କାର୍ଯ୍ୟଦିବସ ଦର୍ଶାଇ ସିଂହଭାଗ ଅର୍ଥ ହରିଲୁଟ ହୋଇଥିବା ଗ୍ରାମବାସୀ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ମଞ୍ଜୁରୀ ମୌଜାରୁ ରାତିଅଧିଆ ମୋରମ ଲୁଟ ହେଉଥିବା ସମୟରେ ଏହି ରାସ୍ତାରେ ସମ୍ପୃକ୍ତ ଠିକାଦାର ୫୦ରୁ ୬୦ ଟ୍ରିପ୍ ମୋରମ ପକାଇ କାର୍ଯ୍ୟ ଶେଷ କରିଛନ୍ତି। ଏହି କାର୍ଯ୍ୟରେ ୮୪୦ ଦିନ କାର୍ଯ୍ୟଦିବସ ଦର୍ଶାଇ ୨ ଲକ୍ଷ ୭୩ ହଜାର ଟଙ୍କା ଶ୍ରମିକଙ୍କ ନାମରେ ଏବଂ ୨ ଲକ୍ଷ ୧୮ ହଜାର ଟଙ୍କା ନିର୍ମାଣ ସାମଗ୍ରୀ ବାବଦରେ ଖର୍ଚ୍ଚ କରାଯାଇଥିବା ଦର୍ଶାଯାଇଛି। ଶ୍ରମିକ ଭାବେ ବୁଲୁ ମଲ୍ଲିକ, ମୁରଲୀ ଜେନା, ବାସୁଦେବ ଜେନା, ନୀଳମଣି ପତି, ପ୍ରେମଲତା ପତି, ବୀରେନ୍ଦ୍ର ଦାସ, କୁଳମଣି ପତି, ମଦନ ମୋହନ ମଲିକ, ସୁରେନ୍ଦ୍ର ଜେନା, ରମାକାନ୍ତ ପତି, ସୁଚିତ୍ରା ଜେନା ପ୍ରମୁଖଙ୍କ ନାମ ରହିଛି। ଏହି ରାସ୍ତା ନିର୍ମାଣ କାର୍ଯ୍ୟ ସମୟରେ ଗ୍ରାମର କୌଣସି ଶ୍ରମିକଙ୍କୁ କାମ ମିଳି ନ ଥିବା ବେଳେ କିଭଳି ବିଭାଗୀୟ ଯନ୍ତ୍ରୀ କାର୍ଯ୍ୟ ବାବଦରେ ସମ୍ପୂର୍ଣ୍ଣ ଅବଗତ ନ ହୋଇ ଲକ୍ଷାଧିକ ଟଙ୍କା ଲେବର ପେମେଣ୍ଟ କଲେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହା ପୂର୍ବରୁ ପୂର୍ବକୋର୍ଟ ଡ୍ରେନେଜ ନିର୍ମାଣ, କଡମା ଗ୍ରାମରେ କାଜୁ ଚାରା ରୋପଣ, ପଛିକୋଟଠାରୁ ଗୟଳଗଡିଆ ରାସ୍ତା ନିର୍ମାଣ, କଡମା ଗ୍ରାମର ପାତ୍ର ପୋଖରୀ ପୁନରୁଦ୍ଧାର ଇତ୍ୟାଦି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରକଳ୍ପରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ହେଲେ ଏଯାଏ କୌଣସି ତଦନ୍ତ ହେଉ ନଥିବାରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ କାର୍ଯ୍ୟ ସ୍ୱଚ୍ଛତା ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ କୋରେଇ ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟ ଠପ୍ ହୋଇଯାଇଛି ବୋଲି ୩ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ଧରଣୀଧର ଘଡେଇ କହିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ବିନା ପଞ୍ଚାୟତ ସମିତି ବୈଠକରେ ବିପୁଳ ପରିମାଣର ସରକାରୀ ଅର୍ଥ ଖର୍ଚ୍ଚ କରାଯାଉଛି। ବ୍ଲକର ବହୁସଂଖ୍ୟକ ଗରିବ ଲୋକ ଆବାସ ଯୋଜନାରେ ଘର ପାଉ ନାହାନ୍ତି। ବ୍ଲକ ପରିସରରେ କାଗଜପତ୍ରରେ ଦକ୍ଷତା ବିକାଶ ଗୃହ ନିର୍ମାଣ କରାଯାଇ ୨୦ ଲକ୍ଷ ଟଙ୍କା ଚଳୁ କରାଯାଇଛି। ପୁଣି ସେହି ଗୃହକୁ ଅତିଥି ଗୃହ ବୋଲି ଦର୍ଶାଇ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଛି। ୨୦୧୮ରେ ଉନ୍ନୟନ ପାଣ୍ଠି ବାବଦକୁ ଆବଣ୍ଟିତ ୧ କୋଟି ଟଙ୍କାରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ନ କରି ପଡ଼ି ରହିଛି। ଏହାବାଦ ବିଭିନ୍ନ ଲୋକହିତକର ଯୋଜନାରେ ବ୍ୟାପକ ଦୁର୍ନୀତି ହେଉଥିବା ଘଡେଇ ଅଭିଯୋଗ କରିଛନ୍ତି। ତେବେ ଖମିଗାଁ ଏମ୍‌ଜିଏନଆର୍‌ଇଜିଏସ୍ ପ୍ରକଳ୍ପ ସମ୍ପର୍କରେ ମତାମତ ନେବାକୁ କନିଷ୍ଠ ଯନ୍ତ୍ରୀ ମୀନା ମହାପାତ୍ରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ କଲ୍ ଗ୍ରହଣ କରି ନଥିଲେ।


୨୧୫ ନମ୍ବର ଜାତୀୟ ରାଜପଥ (ଏନ୍‌ଏଚ୍) ଠାରୁ ଖମିଗାଁ ରାସ୍ତା।

# ବଜ୍ରପାତରେ ମହିଳାଙ୍କ ମୃତ୍ୟୁ

**ଚଢ଼େଇଧରା/ ଧର୍ମଶାଳା,୨୩।୮(ଡି.ଏନ.ଏ.)**

ବଜ୍ରପାତ ଘଟି ସୋମବାର ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସେ ହେଲେ ଯାଜପୁର ଜିଲା ଜେନାପୁର ଥାନା ଅଧୀନ ମଧୁପୁରଗଡ଼ ପଞ୍ଚାୟତ ଜାମୁଜୋରି (କୁକୁଡ଼ାଖାଳି)ଗ୍ରାମର ହଗୁରି ମଳିକଙ୍କ ସ୍ତ୍ରୀ ଗୀତା(୫୦)। ସକାଳେ ଗୀତା ଛେଳି ଚରାଇବାକୁ ପାଖ ପଡ଼ିଆକୁ ଯାଇଥିଲେ। ବର୍ଷା ଆସିବାରୁ ସେ ଛେଳିପଲ ଧରି ଘରକୁ ଫେରି ଆସୁଥିଲେ। ଏହି ସମୟରେ ଚଢ଼େଇଧରା-ଗଡ଼ମଧୁପୁର ରାସ୍ତାର ଜୟଗୁରୁ ମନ୍ଦିର ନିକଟରେ ତାଙ୍କୁ ବଜ୍ରପାତ ହୋଇଥିଲା। ଫଳରେ ସେ ଘଟଣାସ୍ଥଳରେ ଟଳି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପଞ୍ଚାୟତ ସଭାପତି ଜଗଦୀଶ ଜେନାମଣି ମୃତକଙ୍କ ପରିବାର ନିକଟରେ ସମବେଦନା ଜଣାଇଛନ୍ତି।

# ଜିଲାପାଳଙ୍କ ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହୃତ


ଅନଶନକାରୀଙ୍କୁ ବୁଝାଶୁଝା କରାଯାଉଛି।

**ବିଞ୍ଝାରପୁର,୨୩।୮(ଡି.ଏନ.ଏ.)**

ବିଞ୍ଝାରପୁର ବ୍ଲକ୍ ସିଂହପୁର ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ହୋଇଥିବା ଦୁର୍ନୀତିର ତଦନ୍ତ ଦାବିରେ ଚାଲିଥିବା ଆନ୍ଦୋଳନ ୮ଦିନ ପରେ ସୋମବାର ପ୍ରତ୍ୟାହୃତ ହୋଇଛି। ଏହି ଆନ୍ଦୋଳନ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିଲା। ପୂର୍ବତନ ସରପଞ୍ଚ ନିରଞ୍ଜନ ବେଉରିଆଙ୍କ ସମେତ ପଞ୍ଚାୟତର କେତେଜଣ ଯୁବକ ଏହି ଆନ୍ଦୋଳନ ଚଳାଇଥିଲେ। ଏହାକୁ ସମର୍ଥନ ଜଣାଇ ନବ ନିର୍ମାଣ କୃଷକ ସଂଗଠନ ଓ ଭାଜପା କର୍ମୀ ସାମିଲ ହୋଇଥିଲେ। ତେବେ ଅନଶନସ୍ଥଳକୁ କୌଣସି ଜିଲା ଅଧିକାରୀ ଆସି ନ ଥିବା ବେଳେ ସୋମବାର ଭାଜପା ରାଜ୍ୟ ସମ୍ପାଦକ ଅମର ନାୟକ, ଜିଲା ସଭାନେତ୍ରୀ ବବିତା ମଲିକ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ପୁରୁଷୋତ୍ତମ ବେହେରା, ପ୍ରାକ୍ତନ ସମିତିସଭ୍ୟ ବିରଞ୍ଚି ନାୟକଙ୍କ ସମେତ ଏକ ପ୍ରତିନିଧି ଦଳକୁ ଡକାଇ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଆଲୋଚନା କରିଥିଲେ। ୭ ଦିନ ମଧ୍ୟରେ ଦୁର୍ନୀତିର ତଦନ୍ତ ହେବ ଏବଂ ଏଥିରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେବା ସହ ବିଡିଓ ମିନତି ଜଗଦେବଙ୍କୁ ଅନଶନ ସ୍ଥଳକୁ ପଠାଇଥିଲେ। ବିଡିଓ ଜଗଦେବ ଓ ବିଞ୍ଝାରପୁର ଥାନା ଆଇଆଇସି ଅମରେନ୍ଦ୍ର ଦାଶ ପହଞ୍ଚି ଆନ୍ଦୋଳନକାରୀଙ୍କୁ ଫଳରସ ପିଆଇ ଅନଶନ ଭଙ୍ଗ କରାଇଥିଲେ।

# ପୂର୍ବତନ ସରପଞ୍ଚ ବିଜେଡିରୁ ବହିଷ୍କୃତ

**କଳିଙ୍ଗନଗର,୨୩।୮(ଡି.ଏନ.ଏ.)**

ଦଳ ବିରୋଧୀ ଏବଂ ବିଶୃଙ୍ଖଳିତ କାର୍ଯ୍ୟ କରିବା ଅଭିଯୋଗରେ କୋରେଇ ନିର୍ବାଚନମଣ୍ଡଳୀ ଅଧୀନ ତଳଗଡ଼ ପଞ୍ଚାୟତର ପୂର୍ବତନ ସରପଞ୍ଚ ମନ୍ମଥ କୁମାର ନାୟକଙ୍କୁ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କାର କରାଯାଇଛି। ଏନେଇ ବିଜେଡି ଯାଜପୁର ଜିଲା ସଭାପତି ସରୋଜ ମହାପାତ୍ର ସୋମବାର ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି। ଏସମ୍ପର୍କରେ ପ୍ରତିକ୍ରିୟା ଲାଗି ନାୟକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ପାରିନାହିଁ।

# ରାସ୍ତା ଠିକ୍ ହେଲେ ଲକ୍ଷ୍ୟ ଠିକ୍ ହେବ

**ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ**

**ଚଣ୍ଡିଖୋଲ,୨୩।୮(ଡି.ଏନ.ଏ.)**

ବିକାଶ ଏକ ଲକ୍ଷ୍ୟ ନୁହେଁ, ବିକାଶକୁ ବିନାଶକାରୀ ବନ୍ଦ କରିପାରିବେ ନାହିଁ। ସମାଜ ପ୍ରତି ଅଙ୍ଗୀକାର ବଦ୍ଧତା ରହିଲେ ସାମାଜିକ ଓ ସାଂସ୍କୃତିକ ଅବକ୍ଷୟ ହୋଇପାରିବ ନାହିଁ। ଯଦି ଆମେ ଠିକ୍ ରାସ୍ତାରେ ଯିବା ତେବେ ଠିକ୍ ଲକ୍ଷ୍ୟରେ ନିଶ୍ଚିନ୍ତ ପହଞ୍ଚି ପାରିବା। ବଡ଼ଚଣା ବ୍ଲକ ଅଧୀନ ନୂଆହାଟସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ୪୨ତମ ପ୍ରତିଷ୍ଠା ଦିବସରେ ମୁଖ୍ୟବକ୍ତା ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି କୁମରବର ଦାସ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି।

ମହାବିଦ୍ୟାଳୟ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ କୋଭିଡ୍ ଯୋଗୁ ଶିକ୍ଷା ବ୍ୟବସ୍ଥାରେ ଛାତ୍ରୀଛାତ୍ର ଓ ଅଧ୍ୟାପକଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ଦୂରେଇ ଯାଇଛି। କିଛି କ୍ଷଣ ପାଇଁ ଯଦି ମହାବିଦ୍ୟାଳୟ କର୍ମଚାରୀ ଓ ଅଧ୍ୟାପକଙ୍କ ନିଷ୍ଠା ରହେ ତେବେ ନିଶ୍ଚିତ ଭାବେ ପୁଣି ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି କହିଥିଲେ। ଅନ୍ୟତମ ଅତିଥି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଭାଇସ୍ ଚାନ୍‌ସେଲର ପ୍ରଫେସର ତୁଷାର କାନ୍ତ ତ୍ରିପାଠୀ ଓ ମହାବିଦ୍ୟାଳୟର ପ୍ରଥମ ଅଧ୍ୟକ୍ଷ ଅମରେନ୍ଦ୍ର ସାମନ୍ତରାୟ ଯୋଗଦେଇଥିଲେ। ସଭା ପ୍ରାରମ୍ଭରେ ଛାତ୍ରୀଛାତ୍ର ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଅଧ୍ୟାପକ ବ୍ରଜକିଶୋର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଅଧ୍ୟାପକ ପବିତ୍ର ମୋହନ ମାହାଲା। ପ୍ରମୋଦ କୁମାର ଖଣ୍ଡାଇ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପ୍ରଥମ ପରିଚାଳନା କମିଟି ସଦସ୍ୟ ନିର୍ମଳ ଚନ୍ଦ୍ର ସାମଲ, ସୋମନାଥ ସ୍ୱାଇଁ ଓ ପୂର୍ବତନ ଅଧ୍ୟକ୍ଷ ନୃସିଂହ ଚରଣ ବସ୍ତିଆଙ୍କୁ କଲେଜ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ପ୍ରାରମ୍ଭରେ ମହାବିଦ୍ୟାଳୟର ସାଇକେଲ ଷ୍ଟାଣ୍ଡର ଭିତ୍ତିପ୍ରସ୍ତର ସ୍ଥାପନା କରିବା ସହ କଲେଜ ପରିସରରେ ଚାରାରୋପଣ କରିଥିଲେ।


ପ୍ରତିଷ୍ଠା ଦିବସରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

# ମଦମୁକ୍ତ ଓଡ଼ିଶା ପାଇଁ ସଚେତନତା ଶୋଭାଯାତ୍ରା

**ବିଞ୍ଝାରପୁର,୨୩।୮(ଡି.ଏନ.ଏ.)**

ଓଡ଼ିଶା ମଦମୁକ୍ତି ଯୁବବାହିନୀ ଆହ୍ୱାନରେ ବିଞ୍ଝାରପୁର ବ୍ଲକ ମଦ ମୁକ୍ତି ଯୁବବାହିନୀ ପକ୍ଷରୁ ଓଡ଼ିଶାରୁ ମଦ ହଟାଇବାକୁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ରବିବାର ପୂର୍ବାହ୍ନରେ ଏହି ବାହିନୀ ପକ୍ଷରୁ ସିଂହପୁର କାକୁଡ଼ି ପଡ଼ିଆଠାରୁ ବଜାର ପର୍ଯ୍ୟନ୍ତ ଶୋଭାଯାତ୍ରା କରାଯାଇଥିଲା। ପରେ ବଜାରରେ ମହିଳା, ଛାତ୍ର, ଯୁବକ, ସାମାଜିକ କର୍ମୀ ଓ ମଦମୁକ୍ତି ବାହିନୀର କାର୍ଯ୍ୟକର୍ତ୍ତାଙ୍କୁ ନେଇ ପଥପ୍ରାନ୍ତ ସଭା କରାଯାଇଥିଲା। ଏଥିରେ ଓଡ଼ିଶାରୁ ସମ୍ପୂର୍ଣ୍ଣ ମଦ ହଟାଇବାକୁ ନେଇ ଲୋକଙ୍କୁ ସଚେତନ କରାଯାଇଥିଲା। ଏହାପରେ ଉପସ୍ଥିତ ଭଉଣୀମାନେ ଭାଇମାନଙ୍କୁ ରାଖୀ ପିନ୍ଧାଇ ଆଜିଠାରୁ ଜୀବନରେ କେବେ ମଦ ସ୍ପର୍ଶ ନ କରିବାକୁ ଶପଥ କରାଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ମଦ ମୁକ୍ତି ଯୁବବାହିନୀ ସଂଯୋଜକ ରାଜେଶ ଦେଓ, ଅନ୍ୟତମ ରାଜ୍ୟ କାର୍ଯ୍ୟକର୍ତ୍ତା ମନୋଜ କୁମାର ସାହୁ, ଯାଜପୁର ଜିଲା ମଦ ମୁକ୍ତି ଯୁବବାହିନୀ ସଂଯୋଜକ ନିରଞ୍ଜନ ଖିଲାର, ମିଳିତ ଓଡ଼ିଶା ମଦ ମୁକ୍ତି ଅଭିଯାନ ଜିଲା ସଭାପତି ବିଶ୍ୱଜିତ ମହାନ୍ତି, ଭୁବନାନନ୍ଦ ସାମଲ, ଗୋବିନ୍ଦ ଚନ୍ଦ୍ର ସାମଲ ପ୍ରମୁଖ ଯୋଗଦେଇ ଓଡ଼ିଶାକୁ ସମ୍ପୂର୍ଣ୍ଣ ମଦମୁକ୍ତ ରାଜ୍ୟ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଉପରେ ଚାପ ପକାଇବାକୁ ସଂକଳ୍ପବଦ୍ଧ ହୋଇଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଆଖିଆଗରେ ରଖି ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।


ମଦମୁକ୍ତ ଓଡ଼ିଶା ପାଇଁ ବାହାରିଥିବା ସଚେତନତା ଶୋଭାଯାତ୍ରା।

# ଦାନଗଦି: ଛତୁ ଖାଇ ୧୦ ଅସୁସ୍ଥ

**କଳିଙ୍ଗନଗର,୨୩।୮(ଡି.ଏନ.ଏ.)**

ଦାନଗଦି ବ୍ଲକ କୁମ୍ଭୀରଗାଡ଼ିଆ ପଞ୍ଚାୟତ ମାରୁଟିକେର ଗାଁର ଦଳେଇ ସାହିରେ ବିଷାକ୍ତ ଛତୁ ଖାଇ ରବିବାର ରାତିରେ ଗୋଟିଏ ପରିବାରର ୧୦ଜଣ ଅସୁସ୍ଥ ହୋଇ ପଡ଼ିଥିଲେ। ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୮ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଅନ୍ୟ ୨ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଚିକିତ୍ସାଧୀନ ଅଛନ୍ତି। ସୁସ୍ଥ ହୋଇ ଫେରିଥିବା ବ୍ୟକ୍ତିମାନେ ହେଲେ ଗଣନାଥ ଦଳେଇ, ଲିଜା ଦଳେଇ, ପ୍ରଭାତୀ ଦଳେଇ, ନାଣ୍ଟୁ ଦଳେଇ, ବୁଦ୍ଧୁଲୁ ଦଳେଇ, ଟିକି ଦଳେଇ, ଭାମା ଦଳେଇ ଓ ଜଳଧର ଦଳେଇ। ଝୁନା ଦଳେଇ ଓ ଲକ୍ଷ୍ମୀଧର ଦଳେଇଙ୍କ ଅବସ୍ଥା ଗୁରୁତର ରହିଛି। ରବିବାର ସକାଳେ ଗଣନାଥ ବିଲରେ ଫୁଟିଥିବା ଛତୁ ଆଣି ଘରେ ଦେଇଥିଲେ। ମଧ୍ୟାହ୍ନରେ ପରିବାରର ସମସ୍ତ ସଦସ୍ୟ ଉକ୍ତ ଛତୁ ତରକାରି ଖାଇଥିଲେ। ଏହାର କିଛି ସମୟ ପରେ ହଠାତ୍ ଜଣକ ପରେ ଜଣଙ୍କୁ ଝାଡ଼ା ଓ ବାନ୍ତି ହୋଇଥିଲା। ଏହାଦେଖି ଗ୍ରାମବାସୀ ସେମାନଙ୍କୁ ଦାନଗଦି ଡାକ୍ତରଖାନାକୁ ପଠାଇଥିଲେ। ତେବେ ବିଷାକ୍ତ ଛତୁ ଖାଇଥିବାରୁ ଏପରି ଅବସ୍ଥା ହେଲା ବୋଲି ଡାକ୍ତର କହିଛନ୍ତି। ଗୁରୁତର ଦ୍ୱୟ ଶୀଘ୍ର ସୁସ୍ଥ ହୋଇଯିବେ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୁହାଯାଇଛି।

# ପରିବା ବେପାରୀଙ୍କ ଦଖଲରେ ବିରଜା ରିଂ ରୋଡ୍

**ବୁଲା ଗୋରୁଙ୍କ ବାସସ୍ଥଳ ପାଲଟିଛି ସହରର ପ୍ରମୁଖ ରାସ୍ତା**

**ଯାଜପୁର ଟାଉନ,୨୩।୮(ଡି.ଏନ.ଏ.)**

ଯାଜପୁର ସହରକୁ ଟ୍ରାଫିକ୍ ସମସ୍ୟାରୁ ମୁକ୍ତ ପାଇଁ କିଆନାଳିରୁ ସୁନ୍ଦରାଇମୁହଁ ପର୍ଯ୍ୟନ୍ତ ବୈତରଣୀ ନଦୀର ଦକ୍ଷିଣପାର୍ଶ୍ୱ ବନ୍ଧକୁ ସୁଦୃଢ଼ୀକରଣ ଏବଂ ଚଉଡ଼ା କରାଯାଇ ବିରଜା ରିଂ ରୋଡ୍ କରାଯାଇଛି। ଦଶରଥପୁର ଓ ମଙ୍ଗଳପୁର ଅଞ୍ଚଳକୁ ଯାତାୟାତ ପାଇଁ ଏହି ରାସ୍ତା ସମ୍ପ୍ରତି ମୁଖ୍ୟ ମାର୍ଗ ହୋଇଥିବାବେଳେ ସହରର ବାଇପାସ୍ ରୋଡ୍ ଭାବେ ମଧ ପରିଚିତ। ସାନବଜାର, ବଡ଼ବଜାର, କୋଦଣ୍ଡପୁର, ବଲ୍ଲଭିଘାଟ, ମେଡିକାଲ, ଦମକଳ କେନ୍ଦ୍ର, କଚେରି ଓ ଡେଲି ମାର୍କେଟ ଆଦିକୁ ଯିବାଆସିବା ପାଇଁ ଏକମୁଖି ମାର୍ଗ ହୋଇଥିବା ବିରଜା ରିଂ ରୋଡଟି ବେଶ୍ ଉପଯୋଗୀ ହୋଇଛି। ଏବେ ଓଭରଲୋଡ ବାଲି ପରିବହନ ଯୋଗୁ ଦକ୍ଷିଣପାର୍ଶ୍ୱ ଏକମୁଡ଼ୀ ମାର୍ଗ ଉପରେ ଆଣ୍ଠୁଏ ଲେଖାଏ ବାଲି କିଆନାଳିରୁ ସୁନ୍ଦରାଇମୁହଁ ଯାଏ ଜମି ରହିଛି। ଜିଲାପାଳଙ୍କ ଅଫିସ ସମ୍ମୁଖ ବେଶି ପ୍ରଭାବିତ। ଦଶରଥପୁରକୁ ଯିବାକୁ ବାମପାର୍ଶ୍ୱ ମାର୍ଗରେ ଅସ୍ଥାୟୀ ପରିବା ହାଟ ରାତି ୪ଟାରୁ ଦିନ ୧୨ଟା ପର୍ଯ୍ୟନ୍ତ ଖୋଲାଯାଉଥିବାରୁ ଯାତାୟାତ ଠପ୍ ହୋଇଯାଇଛି। କେବଳ ବାମପାର୍ଶ୍ୱ ନୁହେଁ ଜିଲାପାଳଙ୍କ ଅଫିସଠାରୁ ଥାନା ପଛପଟ ଯାଏ ଅପରପାର୍ଶ୍ୱ ରାସ୍ତା ଉପରେ ମଧ ପରିବା ବ୍ୟବସାୟୀ ଓ ଛୋଟଛୋଟ ଚାଷୀ ବେପାର କରୁଛନ୍ତି। କୋଭିଡ୍ ପାଇଁ ବାଳାଶ୍ରମ ପଡ଼ିଆକୁ ଅସ୍ଥାୟୀ ବଜାର ଚୟନ କରାଯାଇଥିବାବେଳେ ଅଧିକାଂଶ ସମୟ ବର୍ଷା ଓ ବନ୍ୟା ପାଇଁ ବ୍ୟବସାୟୀ ବାଧ ହୋଇ ବନ୍ଧ ଉପରେ ବସୁଛନ୍ତି। ଆଉ ଏଭଳି ବେପାର ବଣିଜ ପାଇଁ ଏ ରାସ୍ତାରେ ଯାତାୟାତ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଣେ ବୁଲା ଗୋରୁ ଏହି ରାସ୍ତା ସମେତ ସହରର ମୁଖ୍ୟରାସ୍ତା ଯଥା କିଲ୍ଲାଘାଟରୁ ମେଡିକାଲ ଛକ ଭାୟା ଗାନ୍ଧୀଛକ, ହାବେଳି ବଜାରରୁ ଗାନ୍ଧୀଛକ ଭାୟା କଚେରି ବଜାର, ଯୋଡ଼ିକୁଅ ଛକରୁ ବିରଜାହାଟ ଏବଂ ଗରିଆପୁରରୁ ଯୋଡ଼ିକୁଅ ଛକ ରାସ୍ତା ଉପରେ ଅବାଧ ଆତଯାତ ସମସ୍ୟା ସୃଷ୍ଟି କରୁଛି। ଏହାର ନିରାକରଣ ଲାଗି ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି।


ବୁଲା ଗୋରୁ ଓ ପରିବା ହାଟ ଯୋଗୁ ରାସ୍ତା ଗହଳି ହୋଇଛି।

# ଅସ୍ୱାସ୍ଥ୍ୟକର ପରିବେଶରେ ବାରବାଟୀ ପରିବା ହାଟ

- ସଫେଇକୁ ଗୁରୁତ୍ୱ ଦେଉନି କମିଟି
- ବ୍ୟବସାୟୀ, ଚାଷୀଙ୍କ ମଧ୍ୟରେ ଅସନ୍ତୋଷ

**ରସୁଲପୁର,୨୩।୮(ଡି.ଏନ.ଏ.)**

ଯାଜପୁର ଜିଲା ରସୁଲପୁର ବ୍ଲକ ଅଞ୍ଚଳର ଅଗ୍ରଣୀ ହାଟ ଭାବେ ବାରବାଟୀ ଦୈନିକ ପରିବାହାଟର ସ୍ଥାନ ଆଗରେ ରହିଛି। ତେବେ ଏହି ହାଟଟି ଏବେ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଚାଲୁଛି। ହାଟସ୍ଥଳରେ ଜମି ରହିଥିବା ପଚାଶଢ଼ା ପରିବା ଓ ପାଣିକାଦୁଅ ସଫେଇକୁ ଗୁରୁତ୍ୱ ଦେଉନାହିଁ କମିଟି। ହାଟର ଏଭଳି ସ୍ଥିତିକୁ ନେଇ ଗ୍ରାହକ, ଚାଷୀ, ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ତେଣୁ ଦୈନିକ ହାଟ ସଫେଇ କରିବା ପାଇଁ ସାଧାରଣରେ ଦାବି ହେଉଛି।

୧୬ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ ଯୋଗୁ ପରିବାହାଟ ୨ ଭାଗ ହୋଇଛି। ରାଜପଥର ପଶ୍ଚିମ ପାର୍ଶ୍ୱ ହାଟର ପୁରୁଣା ସ୍ଥାନ। ପୂର୍ବ ପଟରେ ରାଜପଥର ପୁରୁଣା ରାସ୍ତା(ଯାହାକି ଅବ୍ୟବହୃତ)ଉପରେ ହାଟ ବସୁଛି। ରାସ୍ତା ନିର୍ମାଣ ସମୟରେ ହାଟର ଅଧିକାଂଶ ଅଂଶ ରାଜପଥରେ ଚାଲିଯାଇଛି। ଏବେ ହାଟଟି ରାଜପଥର ଉଭୟ ପାର୍ଶ୍ୱରେ ଚାଲୁଛି। କରୋନା କାଳରେ ସଫସୁତରାକୁ ଗୁରୁତ୍ୱ ଦିଆଯାଉଛି। ମାତ୍ର ବାରବାଟୀ ପରିବାହାଟରେ ସେସବୁ ଅନୁପାଳନ କରାଯାଉନାହିଁ। କଟକଣା ଅନୁପାଳନ ଓ ହାଟର ସୁପରିଚାଳନା ପାଇଁ ରାଜନୈତିକ ନେତୃବୃନ୍ଦ ଓ ପ୍ରଶାସନିକ ଅଧିକାରୀଙ୍କ ମିଳିତ ଉଦ୍ୟମରେ ଶୃଙ୍ଖଳା କମିଟି ଗଠନ କରାଯାଇଛି। ୫ଟି ପଞ୍ଚାୟତର ଚାଷୀ, ଜନପ୍ରତିନିଧି, ବ୍ୟବସାୟୀ ଏହି କମିଟିରେ ରହିଛନ୍ତି। କିନ୍ତୁ ଉକ୍ତ କମିଟି ହାଟ ନିଲାମ ଡାକିବା ଓ ଚାଷୀ, ପାଲିଆ, ବ୍ୟବସାୟୀଙ୍କ ଠାରୁ ମାହାସୁଲ ଆଦାୟ କରିବାରେ ସୀମିତ ରହିଛି। ହାଟରୁ ଲକ୍ଷାଧିକ ଟଙ୍କା ଆଦାୟ ହେଉଛି। ସେ ସବୁ ଅର୍ଥରୁ ସିଂହ ଭାଗ ପୂଜା ପାର୍ବଣ, ମେଳା ମହୋତ୍ସବ ପାଳନ ଆଳରେ ଖର୍ଚ୍ଚ କରାଯାଉଛି। ହେଲେ ପୁରୁଣା ରାଜପଥ ଉପରେ ବସୁଥିବା ଚାଷୀ ଓ ପାଲିଆ ବ୍ୟବସାୟୀଙ୍କ ସ୍ୱାର୍ଥରେ ଟଙ୍କଟିଏ ଖର୍ଚ୍ଚ କରାଯାଉ ନ ଥିବା ଅଭିଯୋଗ ହେଉଛି। ଉକ୍ତ ହାଟ ସ୍ଥଳଟି ପାଣି କାଦୁଅରେ ଶଡ଼ଶଡ଼ ହେଉଛି। ପଚାଶଢ଼ା ପନିପରିବା, ବ୍ୟବସାୟଙ୍କ ପରିବା ମୁଣିରୁ ବାହାରୁଥିବା ନଡ଼ା, କାଗଜ, ପେଟିପତ୍ର ଆଦି ଅବ୍ୟବହୃତ ବସ୍ତୁ ଏଣେତେଣେ ଗଦା ହୋଇ ରହୁଛି। ସେ ସବୁ ସ୍ଥାନରେ ବର୍ଷା ପାଣି ଜମି ଦୁର୍ଗନ୍ଧ ବାହାରୁଛି। ହାଟସ୍ଥଳରୁ ବାହାରୁଥିବା ଦୁର୍ଗନ୍ଧ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ପାଲିଆ ବେପାରୀ ରାସ୍ତା ଉପରେ ପରିବା ଢାଳି ବ୍ୟବସାୟ କରୁଛନ୍ତି। ଦୁର୍ଗନ୍ଧ ପାଣି ପରିବା କୁଢ ଭିତରେ ପଶିଯାଉଛି। ରାସ୍ତାରେ ଯାତାୟାତ କରୁଥିବା ଗାଡ଼ିମୋଟରରୁ ଅପରିଷ୍କାର ପାଣି ପରିବା କୁଢିରେ ପଶି ଯାଉଛି। ହାଟସ୍ଥଳ ଡେଙ୍ଗୁ, ମ୍ୟାଲେରିଆ ରୋଗର ବାହକ ସାଜିବାର ସମ୍ଭାବନା ସୃଷ୍ଟି ହୋଇଛି। ଏହାଛଡ଼ା ହାଟକୁ ଦୈନିକ ଆସୁଥିବା ଚାଷୀ, ବ୍ୟବସାୟୀ ଚର୍ମରୋଗର ଶିକାର ହେଉଛନ୍ତି। ଏ ଦିଗରେ ଶୃଙ୍ଖଳା କମିଟି ସଭାପତି ଚନ୍ଦ୍ରମଣି ଦାସ କହିଛନ୍ତି, ପୁରୁଣା ରାଜପଥ ଉପରେ ହାଟ ବସିବାକୁ କମିଟି ଅନୁମତି ଦେଇନାହିଁ। କରୋନା ଯୋଗୁ ହାଟ ବସିବା ପାଇଁ ପ୍ରଶାସନ ଉକ୍ତ ସ୍ଥାନ ନିରୂପଣ କରିଥିଲା। ପୂର୍ବରୁ ବସୁଥିବା ହାଟରେ ବ୍ୟବସାୟ କରିବାକୁ ଚାଷୀ ଓ ବ୍ୟବସାୟୀଙ୍କୁ କୁହାଯାଇଛି। ପ୍ରଶାସନକୁ ମଧ କମିଟି ପକ୍ଷରୁ ଅବଗତ କରାଯାଇଛି। କିନ୍ତୁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଅନ୍ୟପକ୍ଷରେ ପୁରୁଣା ରାଜପଥରେ ଚାଲିଥିବା ହାଟ ସଫା କରିବା ପାଇଁ କମିଟି ପକ୍ଷରୁ ବ୍ୟବସ୍ଥା ହୋଇନି ବୋଲି ସେ ପ୍ରକାଶ କରିଛନ୍ତି।


ହାଟରେ ଜମା ହୋଇଥିବା ପଚାଶଢ଼ା ପରିବା।

## ସଂକ୍ଷେପରେ

### ଜମି ବିବାଦକୁ ନେଇ ମାରପିଟ, ବୃଦ୍ଧ ଆହତ

**ରସୁଲପୁର,୨୩।୮(ଡି.ଏନ.ଏ.):** ଧର୍ମଶାଳା ଥାନା ବ୍ରହ୍ମବରଦା ଫାଣ୍ଡି ଅଧୀନ ବନ୍ଧଡ଼ିହ ପଞ୍ଚାୟତ ଭଗତପୁର ଗାଁରେ ରବିବାର ସନ୍ଧ୍ୟାରେ ଜମି ବିବାଦକୁ ନେଇ ମାରପିଟ ହୋଇଛି। ଏଥିରେ ଗ୍ରାମର ବାବାଜୀ ସାମଲ(୮୫)ଗୁରୁତର ହୋଇଛନ୍ତି। ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏନେଇ ବାବାଜୀଙ୍କ ପରିବାର ପକ୍ଷରୁ ଫାଣ୍ଡିରେ ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ବାବାଜୀ ଓ ତାଙ୍କ ପଡ଼ୋଶୀ ଗୋପୀନାଥ ସାମଲଙ୍କ ପରିବାର ମଧ୍ୟରେ ଜମିବାଡ଼ି ଅଡୁଆକୁ କେନ୍ଦ୍ରକରି ଅନେକ ସମୟରେ ପାଟିତୁଣ୍ଡ ହେଉଥିଲା। ମାତ୍ର ରବିବାର ବାବାଜୀ ଘରେ ଏକୁଟିଆ ଥିବା ଜାଣି ଗୋପୀନାଥ ଓ ତାଙ୍କ ପୁଅ ଆସି ବାବାଜୀଙ୍କ ମୁଣ୍ଡକୁ ଏକ ଲୁହା ରଡ୍‌ରେ ଆକ୍ରମଣ କରିଥିଲେ।

### ତଦନ୍ତ ପୂର୍ବରୁ ହିତାଧିକାରୀଙ୍କୁ ମିଳିଲା ଉଜ୍ଜ୍ୱଳା ଗ୍ୟାସ

**ରଘୁନାଥପୁର,୨୩।୮(ଡି.ଏନ୍.ଏ.):** ରଘୁନାଥପୁର ବ୍ଲକ ରେଢୁଆ ପଞ୍ଚାୟତରେ ଉଜ୍ଜ୍ୱଳା ଗ୍ୟାସ ପ୍ରଦାନରେ ହୋଇଥିବା ଦୁର୍ନୀତିକୁ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏ ନେଇ ତଦନ୍ତରେ ସମ୍ମୁଖୀନ ହେବାକୁ ଭୟ କରି ଦଲାଲମାନେ ହିତାଧିକାରୀଙ୍କ ଘରେ ଗ୍ୟାସ ଭର୍ତ୍ତି ସିଲିଣ୍ଡର, ଚୁଲା ଓ ଅନ୍ୟ ସାମଗ୍ରୀ ପହଞ୍ଚାଇ ଦେଇଛନ୍ତି। ଏ ସମ୍ପର୍କରେ ଓରମାସ ଶକ୍ତିଗାଓଁ ପ୍ରୋଜେକ୍ଟ ଏକଜୁକେଟିଭି ସମୀର କୁମାର ନାୟକ ପ୍ରକାଶ କରିଛନ୍ତି। ଶନିବାର ଅପରାହ୍ନରେ ନାୟକ ଓ ହିସାବ ରକ୍ଷକ ଦୀପ୍ତିରଞ୍ଜନ ସାହୁ ଉକ୍ତ ପଞ୍ଚାୟତ ଗସ୍ତ କରି ଘରକୁ ଘର ବୁଲି ଉଜ୍ଜ୍ୱଳା ହିତାଧିକାରୀଙ୍କୁ ଭେଟିଥିଲେ। ତାଲିକାରେ ନାମ ଥିଲେ ମଧ ଗ୍ୟାସ ପାଇ ନ ଥିବା ନେଇ ଅଭିଯୋଗ କରିଥିବା ପ୍ରମିଳା ସ୍ୱାଇଁ ଘରେ ୫ଦିନ ତଳେ ଗ୍ୟାସ କନେକ୍ସନ ଦିଆଯାଇଛି ବୋଲି ସେ କହିଛନ୍ତି। ସେହିପରି ଅଧିକାଂଶ ମହିଳା ଉଜ୍ଜ୍ୱଳା ଗ୍ୟାସ ପାଇଁ ଏକାଧିକ କମ୍ପାନୀରେ ଆବେଦନ କରିଥିବାରୁ ସେଗୁଡିକ ବ୍ଲକ ହୋଇଯାଇଛି ବୋଲି ନାୟକ କହିଛନ୍ତି।

### ଜୟ ଜଗନ୍ନାଥ ଲେବର ୟୁନିୟନ ଉଦ୍‌ଘାଟିତ

**ପଟ୍ଟାମୁଣ୍ଡାଇ,୨୩।୮(ସ୍ୱ.ପ୍ର.):** ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ କାର୍ଯ୍ୟରତ ଥିବା କୁଶଳୀ ଓ ଅଣକୁଶଳୀ କର୍ମଚାରୀ ଓ ବ୍ୟକ୍ତିବିଶେଷଙ୍କୁ ନେଇ ପଟ୍ଟାମୁଣ୍ଡାଇଠାରେ ଜୟ ଜଗନ୍ନାଥ ଲେବର ୟୁନିୟନ ଉଦ୍‌ଘାଟିତ ହୋଇଯାଇଛି। ନବ ଗଠିତ ଲେବର ୟୁନିୟନର ସଭାପତି ଭାବେ ହରିହର ବାରିକ, ଉପସଭାପତି ନିରଞ୍ଜନ ସାହୁ, ସଂପାଦକ ପ୍ରଫୁଲ୍ଲ ବିଶ୍ୱାଳ ଚୟନ ହୋଇଛନ୍ତି। କାର୍ଯ୍ୟକାରୀ କମିଟିରେ ପ୍ରଦୀପ ବାରିକ, ଅକ୍ଷୟ ବେହେରା, ଅର୍ଜୁନ କର, ନୀଳମଣି କରି, ବେଣୁଧର ଦାସ, ସ୍ମୃତିକାନ୍ତ ସାହୁ, କୃଷ୍ଣଚନ୍ଦ୍ର ବିଶ୍ୱାଳ, ଗୋଲେଖ ସେଠୀ, ଶରତ ରାଉତ, ଅଞ୍ଜଳି ଜେନା ଓ ସୁଚିତ୍ରା ସେଠୀ ପ୍ରମୁଖ ରହିଛନ୍ତି।

### ଦୁର୍ଘଟଣାରେ ୨ ବାଇକ୍ ଆରୋହୀ ଗୁରୁତର

**ଧର୍ମଶାଳା,୨୩।୮(ଡି.ଏନ.ଏ.):** ଧର୍ମଶାଳା ଥାନା ଅନ୍ତର୍ଗତ ନାକପୋଲ ଲକ ଛକ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଦୁଇ ଜଣ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ଥାନୁଆଳ ଗାଁର ସମୀର ମହାରଣା ବାଇକ୍ ଯୋଗେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଝାରଶୋଳ ଗ୍ରାମର ପ୍ରଦୀପ ଦୋରାଙ୍କ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ଫଳରେ ଘଟଣା ସ୍ଥଳରେ ଉଭୟ ଗୁରୁତର ହୋଇଥିଲେ।

# କ୍ଷାର ଜଳ ପ୍ରଶିକ୍ଷଣ କେନ୍ଦ୍ର ଜରାଜୀର୍ଣ୍ଣ

**ପାରାଦୀପ,୨୩।୮(ସ୍ୱ.ପ୍ର.)**





କ୍ଷାର ଜଳ ପ୍ରଶିକ୍ଷଣ କେନ୍ଦ୍ର ଉପରେ ଗଛ, ଲତା ମାଡିଗଲାଣି।

ରାଜ୍ୟର ଦୁଇଟି କ୍ଷାରଜଳ ପ୍ରଶିକ୍ଷଣ କେନ୍ଦ୍ର ରହିଛି। ସେଥିରୁ ଗୋଟିଏ ଚିଲିକା ହ୍ରଦ ନିକଟରେ ଥିବାବେଳେ ଅନ୍ୟଟି ପାରାଦୀପରେ। ତେବେ ପାରାଦୀପସ୍ଥିତ କେନ୍ଦ୍ର ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ଗତି କରୁଛି। ନେହେରୁବଙ୍ଗଳାରୁ ବନ୍ଦର ୧ ନଂ. ଗେଟ ରାସ୍ତାର ସମୁଦ୍ର ପାଖ ସୀମାରେ ଉକ୍ତ କେନ୍ଦ୍ର ରହିଛି। ଜନଗହଳିଠାରୁ ଦୂରରେ ଥିବାରୁ ସେଠାରେ କେବେ ଓ କିପରି ପ୍ରଶିକ୍ଷଣ ଦିଆଯାଏ ତାହା ଜଣାପଡେନାହିଁ। ରକ୍ଷଣାବେକ୍ଷଣ ଅଭାବରୁ ପରିତ୍ୟକ୍ତ ଅବସ୍ଥା ଥିବା ଏହି ପ୍ରଶିକ୍ଷଣ କେନ୍ଦ୍ର ଏବେ ଏକ ଭୂତକୋଠି ପରି ଲାଗୁଛି।

ପାରାଦୀପର ନେହେରୁବଙ୍ଗଳାଠାରେ ଉକ୍ତ କେନ୍ଦ୍ର ୧୯୯୦ରେ ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପଶୁପାଳନ ବିଭାଗ ପକ୍ଷରୁ ଆରମ୍ଭ କରାଯାଇଥିଲା। ବଣୁଆ ପରିବେଶ ମଧ୍ୟରେ ପ୍ରଶିକ୍ଷଣ କେନ୍ଦ୍ର କାର୍ଯ୍ୟାଳୟ, ପୋଖରୀ, ହଷ୍ଟେଲ ଆଦି ତିଆରି କରାଯାଇଥିଲା। ଏହି କେନ୍ଦ୍ର ଜରିଆରେ ସରକାରଙ୍କ ପକ୍ଷରୁ ପାରମ୍ପରିକ ମତ୍ସ୍ୟଜୀବୀଙ୍କ ଜୀବିକା ପାଇଁ ଅନେକ ପ୍ରକାର ତାଲିମ ପ୍ରଦାନ କରାଯାଇଯାଏ। ଲବଣାକ୍ତ ଜଳରେ କିପରି ମାଛ ଚାଷ କରାଯିବ ସେ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଏ। ତାଲିମ୍ ନେଉଥିବା ମତ୍ସ୍ୟଜୀବୀଙ୍କ ପାଇଁ ଡଙ୍ଗା, ଜାଲ ଓ ଅନ୍ୟାନ୍ୟ ଆବଶ୍ୟକ ତାଲିମ୍ ସାମଗ୍ରୀ ରଖାଯାଇଥିଲା। ଏବେ ସେଗୁଡିକ ନଷ୍ଟ ହୋଇଯିବା ସହ ପୋଖରୀ ପୋତି ହୋଇ ଗଲାଣି। କେନ୍ଦ୍ରକୁ ଲାଗିଥିବା ରାସ୍ତା ଉପରେ ଘାସ ଓ ଅନାବନା ଗଛ ଆଦି ମାଡ଼ିଯାଇଛି। ଗୃହଟି ପରିତ୍ୟକ୍ତ ଅବସ୍ଥାରେ ଥିବାରୁ ଏହା ସରୀସୃପଙ୍କ ବାସସ୍ଥଳୀ ପାଲଟିଛି। ପାରିପାର୍ଶ୍ୱିକ ପରିସ୍ଥିତିରୁ ଅନେକ ଦିନ ହେବ କେନ୍ଦ୍ରକୁ ଯାତାୟାତ ହୋଇ ନ ଥିବା ପରି ଅନୁମାନ ହେଉଛି। ଅପରପକ୍ଷେ କେନ୍ଦ୍ରର ନାମକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ୨୦୨୦ ପର୍ଯ୍ୟନ୍ତ ଉକ୍ତ ପ୍ରଶିକ୍ଷଣ କେନ୍ଦ୍ର ଫଳକରେ କ୍ଷାରଜଳ ପ୍ରଶିକ୍ଷଣ କେନ୍ଦ୍ର ଲେଖାଯାଇଥିବା ବେଳେ ଏବେ କ୍ଷାରିଜଳ ବୋଲି ଲେଖାଯାଇଛି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଏଡିଏଫ୍‌କ (ସହକାରୀ ନିର୍ଦ୍ଦେଶକ ମତ୍ସ୍ୟବିଭାଗ) ସୁବାସ ସେଠୀ କୁହନ୍ତି, ଗତବର୍ଷ କରୋନା କଟକଣା ପରଠାରୁ ପ୍ରଶିକ୍ଷଣ କାର୍ଯ୍ୟ ବନ୍ଦ ରହିଛି। ସରକାରୀସ୍ତରରେ କଟକଣା କୋହଳ କରିବାକୁ ନିର୍ଦ୍ଦେଶ ଆସିବା ପରେ ପୁଣି ତାଲିମ ଦିଆଯିବ। କେନ୍ଦ୍ରର ନବୀକରଣ ଉଦ୍ଦେଶ୍ୟରେ ୨ ଅଗଷ୍ଟରେ ସାନି ଟେଣ୍ଡର କରାଯାଇଛି। ଏଥିପାଇଁ ୧ କୋଟି ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଫଳକରେ ନାମ ବଦଳିବା ସମ୍ପର୍କରେ ସେଠୀ କୁହନ୍ତି, କ୍ଷାରି ଓ କ୍ଷାର ଜଳ ଦୁଇଟି ଯାକ ନାମ ଠିକ୍। ତୁରନ୍ତ କେନ୍ଦ୍ରର ନବୀକରଣ କରାଯାଇ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି କରାଯାଇଛି।

# ଆଉ ୧୫ ଜୀବନ ନେଲା କରୋନା

**ଜଗତ୍‌ସିଂହପୁର ଅଫିସ, ୨୩।୮**

- ମୋଟ ମୃତ୍ୟୁସଂଖ୍ୟା ୨୦୨ରେ ପହଞ୍ଚିଲା
- ୧୮ ବର୍ଷରୁ କମ ବୟସର ସଂକ୍ରମିତ ସଂଖ୍ୟା ରହିଛି ୭

ଜଗତ୍‌ସିଂହପୁର ଜିଲାରେ କୋଭିଡ୍-୧୯ର ଭୟାବହତା ଦିନକୁଦିନ ଜଟିଳ ରୂପ ନେଉଛି। ଗୋଟିଏ ଦିନରେ ଅର୍ଥାତ୍ ସୋମବାର ମିଳିଥିବା ସୂଚନା ମୁତାବକ, ଜିଲାରେ କରୋନା ୧୫ ଜଣଙ୍କ ଜୀବନ ନେଇଛି। ମୃତକଙ୍କ ମଧ୍ୟରୁ ବିରିଡ଼ି ବ୍ଲକ ଅଞ୍ଚଳର ସର୍ବାଧିକ ୬ ଜଣ ରହିଛନ୍ତି। ସେହିପରି ଜଗତ୍‌ସିଂହପୁର ବ୍ଲକ ଅଞ୍ଚଳର ୩, ତିର୍ତ୍ତୋଲ ଓ ରଘୁନାଥପୁର ବ୍ଲକ ଅଞ୍ଚଳର ୨ ଜଣ ଲେଖାଏ, ବାଲିକୁଦା ଓ କୁଜଙ୍ଗ ବ୍ଲକ ଅଞ୍ଚଳର ଜଣେ ହିସାବରେ ମୃତ୍ୟୁ ହୋଇଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଏଥିସହ ୧୮ରୁ କମ ବୟସର ୭ ଜଣ ସଂକ୍ରମିତ ହୋଇଛନ୍ତି। ଜିଲାରେ ବର୍ତ୍ତମାନ ପର୍ଯ୍ୟନ୍ତ ୨୦୨ ଜଣଙ୍କ କରୋନରେ ଜୀବନ ଦୀପ ଲିଭି ଗଲାଣି। ସୂଚନାଯୋଗ୍ୟ, କରୋନାରେ ଜିଲାରେ ଗତ ୨୦ତାରିଖରେ ୧୨, ୨୧ ତାରିଖରେ ୧୧, ୨୨ତାରିଖରେ ୧୩ ଜଣଙ୍କ ମୃତ୍ୟୁ ହୋଇଥିଲା।

# ଖାଲଖମାରେ ପୂର୍ଣ୍ଣ ଶିଖର-ବାଲିଭଉଁରୀ ମୁଖ୍ୟ ରାସ୍ତା



ରାସ୍ତାରୁ ପିଚୁ ଉଠି ଖାଲ ସୃଷ୍ଟି ହୋଇଛି।

**ନାଉଗାଁ,୨୩।୮ (ସ୍ୱ.ପ୍ର.)**

ନାଉଗାଁ ବ୍ଲକର ଶିଖର-ବାଲିଭଉଁରୀ ଦେଇ ଯାଇଛି ମୁଖ୍ୟ ରାସ୍ତା। ରାସ୍ତାଟି ଜଗତ୍‌ସିଂହପୁର ଓ ଶିଖରଘାଟ ଦେଇ ପୁରୀ ଜିଲାକୁ ସଂଯୋଗ କରୁଛି। ପୂର୍ତ୍ତ ବିଭାଗ ଅଧୀନରେ ଏହି ରାସ୍ତା ରହିଛି। ଏହି ବାଟ ଦେଇ କଟକ, ପୁରୀ, ପାରାଦୀପ, ଅସ୍ତରଙ୍ଗ, କାକଟପୁର, ଜଗତ୍‌ସିଂହପୁର ଆଦି ଅଞ୍ଚଳକୁ ଯାତ୍ରିବାହୀ ଓ ମାଲ ଗାଡ଼ି ଚଳାଚଳ କରିବା ସହ ସାଧାରଣ ଲୋକ ମଧ୍ୟ ଯାତାୟାତ କରିଥାନ୍ତି। ମାତ୍ର ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇଯାଇଛି। ଏହି ରାସ୍ତାର ବିଭିନ୍ନ ସ୍ଥାନରୁ ପିଚୁ ଉଠି ଖାଲଖମାରେ ଭରିଯାଇଛି। ବର୍ଷାଦିନେ ଏସବୁ ଖାଲରେ ପାଣି ଜମି ରହୁଛି। ଫଳରେ ଯାତାୟାତବେଳେ ଉକ୍ତ ଖାଲରେ ବାଇକ୍ ପଡ଼ିଲେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ତୁରନ୍ତ ଉକ୍ତ ରାସ୍ତାକୁ ମରାମତି କରିବା ପାଇଁ ଜନସାଧାରଣ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ବିଷୟରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ମହାପାତ୍ର କୁହନ୍ତି, ଯଥାଶୀଘ୍ର ରାସ୍ତା ମରାମତି କରାଯିବ।

# ପଲିଥିନ ବନ୍ଧା କୁଡ଼ିଆରେ ବିତୁଛି ଜୀବନ

**ରଘୁନାଥପୁର,୨୩।୮(ଡି.ଏନ୍.ଏ.)**



ପିଲିଥିନ ବନ୍ଧା କୁଡିଆ ନିକଟରେ ସୁରେନ୍ଦ୍ର ଓ ପରିବାର ଲୋକେ।

- ଅସହାୟ ଅବସ୍ଥାରେ ଦଳିତ ପରିବାର
- ଅର୍ଥାଭାବରୁ ସାନ ଝିଅ ଚିକିତ୍ସାରୁ ବଞ୍ଚିତ
- ଜରି, ପ୍ଲାଷ୍ଟିକ ଗୋଟାଇ ପରିବାର ପ୍ରତିପୋଷଣ କରନ୍ତି

ସାଧାରଣଜନତାଙ୍କ ପାଇଁ ରାଜ୍ୟ ସରକାର ବହୁବିଧ ଯୋଜନା ପ୍ରସ୍ତୁତ କରିଛନ୍ତି। ମାତ୍ର ପ୍ରକୃତ ହିତାଧିକାରୀ ଏସବୁ ସୁବିଧା ନ ପାଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରଘୁନାଥପୁର ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ସରକାର ସାହିରେ ଏହାର ଉଦାହରଣ ଦେଖିବାକୁ ମିଳିଛି।

ସାହିରେ ସୁରେନ୍ଦ୍ର ଭୋଇଙ୍କ ପରିବାର ଲୋକେ ବସବାସ କରନ୍ତି। ଦଳିତ ପରିବାର ହେବା ସତ୍ତ୍ୱେ ଏ ପର୍ଯ୍ୟନ୍ତ ସେମାନେ ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ପରିବାର କହିଲେ ସ୍ତ୍ରୀ ନମିଶା, ୨ଝିଅ ଓ ଗୋଟିଏ ଶିଶୁପୁତ୍ର। ସୁରେନ୍ଦ୍ର ଛିଣ୍ଡା ଜରି ଓ ପ୍ଲାଷ୍ଟିକ ବୋତଲ ଗୋଟାଇ ପରିବାର ପ୍ରତିପୋଷଣ କରିଥାନ୍ତି। ବଡ଼ ଝିଅ ସନ୍ଧ୍ୟାରାଣୀ ୫ମରେ ପଢୁଥିବାବେଳେ ସାନ ଝିଅ ସଦିଶାର ୩ୟ ଶ୍ରେଣୀରୁ ପାଠପଢ଼ାରେ ଡୋରି ବନ୍ଧା ହୋଇଯାଇଛି। ତେବେ ସଦିଶା ଶରୀରରେ ଅସ୍ୱାଭାବିକ ଭାବେ କ୍ଷତ ସୃଷ୍ଟି ହୋଇଛି। ଏହା ଭଲ ନ ହେବାରୁ ସୁରେନ୍ଦ୍ର ତାଙ୍କୁ ନେଇ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖାଇଥିଲେ। ମାତ୍ର ଅଧିକ ଚିକିତ୍ସା ପାଇଁ କଟକ ନେବାକୁ ପଡ଼ିବ ବୋଲି ଡାକ୍ତର କହିଥିଲେ। ମାତ୍ର ଅର୍ଥ ଅଭାବରୁ ଏପର୍ଯ୍ୟନ୍ତ ତାଙ୍କର ଅଧିକ ଚିକିତ୍ସା ହୋଇପାରୁନାହିଁ। ଅପରପକ୍ଷେ ମୁଣ୍ଡ ଗୁଞ୍ଜିବା ପାଇଁ ପକ୍କାଘର ଖଣ୍ଡେ ନ ଥିବାରୁ ଚାଳ ଛପର ଘର ଉପରେ ପଲିଥିନ ଓ ପାଲ ପକାଇ ଜୀବନ ବିତାଉଛନ୍ତି। ବର୍ଷା ଓ ଖରାରେ ଉକ୍ତ ଘରେ ଅସୁବିଧା ହେଉଥିଲେ ମଧ ଉପାୟ ନ ପାଇ ପୂରା ପରିବାର ସେଠାରେ ରହିବାକୁ ବାଧ ହୁଅନ୍ତି ସୁରେନ୍ଦ୍ର କହିଛନ୍ତି। ପକ୍କାଘର ଯୋଜନାରେ ସାମିଲ ପାଇଁ ଓ ଝିଅର ଚିକିତ୍ସା ସହାୟତା ପାଇଁ ୪ ବର୍ଷ ହେବ ପଞ୍ଚାୟତ, ବ୍ଲକ କାର୍ଯ୍ୟାଳୟ ଓ ଜିଲାପାଳଙ୍କ ନିକଟରେ ଅନୁରୋଧ କରାଯାଇଛି। ଏହାସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ ବୋଲି ସେ କହିଛନ୍ତି। କୌଣସି ବଦାନ୍ୟ ବ୍ୟକ୍ତି ଝିଅର ଚିକିତ୍ସା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଲେ ସଦିଶାଙ୍କ ଚିକିତ୍ସା କରାଯାଇପାରନ୍ତା। ସେ ଅନ୍ୟପିଲାଙ୍କ ପରି ସ୍କୁଲ ଯାଇ ପାଠ ପଢି ପାରନ୍ତା ବୋଲି ମା'ନମିଶା କହିଛନ୍ତି। ତାଙ୍କ ପରିବାର ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ନିବେଦନ କରିଛନ୍ତି।

# ଚଷାଙ୍କ ହକ୍ ପାଇଁ ଅଣ୍ଟା ଭିଡ଼ିଲା ସଙ୍ଗଠନ

**ମହାକାଳପଡ଼ା,୨୩।୮ (ଡି.ଏନ୍.ଏ.)**

ମହାକାଳପଡ଼ା ବ୍ଲକ ମଙ୍ଗଳପୁର ପଞ୍ଚାୟତର ଶ୍ରୀବଳଦେବଜୀଉ ଚଷା ସଙ୍ଗଠନ ହକ୍‌ପାଇଁ ଅଣ୍ଟା ଭିଡିଛି। ସଙ୍ଗଠନ ପକ୍ଷରୁ ରବିବାର ଶ୍ରୀବଳଦେବଜୀଉଙ୍କ ଜନ୍ମଦିବସରେ ଢୋଲ ମହୁରି, ସଙ୍କୀର୍ତ୍ତନ ମଣ୍ଡଳୀ ଏକ ସୁସଜ୍ଜିତ ବିମାନରେ ମଙ୍ଗଳପୁର ଗ୍ରାମଠାରୁ ପରିକ୍ରମା ଆରମ୍ଭ ହୋଇଥିଲା। ପରେ ଦାଧିପୁର, କୁମାରପଡ଼ା, ଗୁହାଳକଣି, ବନ୍ଧପଡ଼ା ଆଦି ଗ୍ରାମ ପରିକ୍ରମା କରିଥିଲେ। ବନ୍ଧପଡ଼ା ଗ୍ରାମ ଲକ୍ଷ୍ମୀନାରାୟଣ ମନ୍ଦିରରେ ସୁସଜ୍ଜିତ ବିମାନ ପହଞ୍ଚିବା ପରେ ପୂଜାର୍ଚ୍ଚନା ହୋଇଥିଲା। ଏହି ମନ୍ଦିର ସମ୍ମୁଖରେ ବ୍ଲକର ମଙ୍ଗଳପୁର, ବାରଡାଙ୍ଗ, ମହାକାଳପଡ଼ା, ବରକନ୍ଧା ପଞ୍ଚାୟତର ଅନେକ ଚଷା ପରିବାରର ସଦସ୍ୟମାନେ ମିଳିତ ହୋଇ ସେମାନଙ୍କ ହକ୍ ପାଇଁ ଏକ ବୈଠକରେ ଯୋଗ ଦେଇଥିଲେ। ଏଥିରେ ଚଷା ସଙ୍ଗଠନର ସଭାପତି ଅଭୟ କୁମାର ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପ୍ରାଧ୍ୟାପକ ଅଜୟ କୁମାର ସାମଲ ଯୋଗଦେଇଥିଲେ। ଚାଷୀମାନେ ଦେଶର ମେରୁଦଣ୍ଡ, ସେମାନଙ୍କ ଜମିକୁ ପାଣି, ଉତ୍ପାଦିତ ଫସଲର ବିକ୍ରିବଟାର ସୁବିଧା, ରିହାତି ମୂଲ୍ୟରେ ସରକାରୀ ପ୍ରୋତ୍ସାହନ, ଚାଷୀ ପରିବାରର ଝିଅପୁଅଙ୍କୁ ସଂରକ୍ଷଣ ବ୍ୟବସ୍ଥାରେ ସାମିଲ, ଉଚ୍ଚଶିକ୍ଷା ପାଇଁ ବିଶ୍ୱବିଦ୍ୟାଳୟ ସ୍ତରରେ ସୁଯୋଗ ଦେବା ଆଦି ସରକାରଙ୍କ ନିକଟରେ ଦାବି କରିଛନ୍ତି। ଅପରପକ୍ଷେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ କୁଳମଣି ଚୌଧୁରୀ ଯୋଗଦେଇ ଅଞ୍ଚଳର ଚଷା ପରିବାରକୁ ଜୀବନ ବୀମା ପ୍ରଦାନ କରିବା ସହ ଉଠା ଜଳସେଚନ ପ୍ରକଳ୍ପ ମାଧ୍ୟମରେ କ୍ଷେତକୁ ପାଣି ଯୋଗାଇ ଦେବା, ରିହାତି ମୂଲ୍ୟରେ ସାର, କୀଟନାଶକ ଔଷଧ, କୃଷି ଯନ୍ତ୍ରପାତି, ଉନ୍ନତ ପ୍ରଣାଳୀରେ ଚାଷ ପାଇଁ ଚାଷୀମାନଙ୍କୁ ତାଲିମ ପ୍ରଦାନ କରାଯିବା ଜରୁରୀ ବୋଲି ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଶୋକ ମହାପାତ୍ର, ନରୋତ୍ତମ ପାର୍ଥସାରଥି, ଅଜୟ କୁମାର ସ୍ୱାଇଁ, ବାବାଜୀ ଚରଣ ସ୍ୱାଇଁ, କ୍ଷୀରୋଦ ବେହେରା, ବୈକୁଣ୍ଠ ସ୍ୱାଇଁ, ପୀତାମ୍ବର ରାଉତରାୟ, ଅଚ୍ୟୁତାନନ୍ଦ ରାଉତ, ଅର୍ଜୁନ କୁମାର ପ୍ରଧାନଙ୍କ ସମେତ ଚାଷୀ ଯୋଗ ଦେଇଥିଲେ। ଆଗାମୀ ଦିନରେ ଚାଷୀମାନେ ହକ ପାଇଁ ଲଢ଼େଇ ଜାରି ରହିବ ବୋଲି ସଙ୍ଗଠନ କର୍ମକର୍ତ୍ତାମାନେ ମତବ୍ୟକ୍ତ କରିଥିଲେ।

# ସରକାରୀ ସହାୟତା ନ ମିଳିଲେ ଆନ୍ଦୋଳନ




ବୈଠକରେ ମଞ୍ଚାସୀନ ମହାସଂଘର କର୍ମକର୍ତ୍ତା।

**ଓଡ଼ିଶା ଡ୍ରାଇଭର ମହାସଂଘ ବୈଠକ**

**ଯାଜପୁର ସଦର,୨୩।୮ (ଡି.ଏନ୍.ଏ)**

ଯାଜପୁର ସଦର ଥାନା ଅନ୍ତର୍ଗତ ବରୁଆଁ କୁସୁନୁପୁରସ୍ଥିତ ତାରାଦେବୀ ମନ୍ଦିର ପ୍ରାଙ୍ଗଣରେ ସୋମବାର ଓଡ଼ିଶା ଡ୍ରାଇଭର ମହାସଂଘର ଏକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି । ଯାଜପୁର ସଦର ଶାଖା ଆନୁକୂଲ୍ୟରେ ଅନୁଷ୍ଠିତ ଏହି ବନ୍ଧୁ ମିଳନରେ ଯାଜପୁର ଜିଲା ମହାସଂଘର ସଚେତକ ଜିତେନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱ କରିଥିଲେ । ରାଜ୍ୟ ସହ-ସମ୍ପାଦକ ତଥା ଯାଜପୁର ସଂଘର ସଭାପତି ମାନସ ରଞ୍ଜନ ଦେବତା ମୁଖ୍ୟଅତିଥି, ମୁଖ୍ୟ ପରିଚାଳକ ଅମର କୁମାର ପତି, କୋରେଇ ବ୍ଲକର ଶରତ ବେହେରା, ସୁକିନ୍ଦା ସଂଘର ଶମ୍ଭୁନାଥ ମହନ୍ତ, ଧର୍ମଶାଳାର କାର୍ତ୍ତିକ ଗେଡି, ବଡଚଣାର ଆଲୋକ କୁମାର ଦାସ, ରସୁଲପୁରର ପ୍ରଦୀପ୍ତ କୁମାର ଦାସ, ବରୀ ବ୍ଲକର ପ୍ରଶାନ୍ତ କୁମାର ତ୍ରିପାଠୀ, ବିଂଝାରପୁରର ପ୍ରକାଶ କୁମାର ମିଶ୍ର, ଯାଜପୁର ଟାଉନ ଶାଖାର ଅମିୟନନ୍ଦ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ନିଜ ନିଜର ସମସ୍ୟା ସମ୍ପର୍କରେ କହିଥିଲେ । ଡ୍ରାଇଭରମାନଙ୍କ ମୌଳିକ ସୁବିଧା, ସାମ୍ବିଧାନିକ ଅଧିକାର ଓ କରୋନା ମହାମାରୀ ସମୟରେ ରାଜ୍ୟ ସରକାର ସେମାନଙ୍କୁ ଅଣଦେଖା କରିଛନ୍ତି । ହେଲେ ମହାମାରୀ ସମୟରେ ନିଜ ଜୀବନକୁ ବାଜି ଲଗାଇ ଗାଡ଼ି ଚାଳକମାନେ ଲୋକମାନଙ୍କୁ ସେବା ଯୋଗାଇ ଦେଇଥିଲେ । ତେଣୁ ସେମାନଙ୍କୁ କରୋନା ଯୋଦ୍ଧା ଭାବେ ଘୋଷଣା କରିବା ସହ ସରକାରୀ ସହାୟତ ଯୋଗାଇ ଦେବାକୁ ବୈଠକରେ ଦାବି କରାଯାଇଥିଲା । ଏହିସବୁକୁ ଅଣଦେଖା କରାଗଲେ ଅଗାମୀ ଦିନରେ ଏକ ବଡ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ସଦର ଡ୍ରାଇଭର ମହାସଂଘ ପରିଚାଳନା କମିଟି ସଭାପତି ସତ୍ୟବ୍ରତ ସାହୁ ଅତିଥି ପରିଚୟ ପ୍ରଦାନ ଓ ସଦର ମହାସଂଘର ସଭାପତି ଶଶୀକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ପାନଚାଷର କଳଙ୍କ ରୋଗ ନିୟନ୍ତ୍ରଣ ପାଇଁ ପ୍ରଶିକ୍ଷଣ

**ରସୁଲପୁର,୨୩।୮(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅଧୀନ ଓଡ଼ିଶୋ ପଞ୍ଚାୟତ କରଞ୍ଜିଆରି ଗ୍ରାମରେ ପାନଚାଷରେ କଳଙ୍କ ରୋଗ ନିୟନ୍ତ୍ରଣ ପାଇଁ ଚାଷୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ବଡ଼ଚଣା କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ୨୫ଜଣ ଚାଷୀଙ୍କୁ ନେଇ ଉକ୍ତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ପାନଚାଷରେ କଳଙ୍କ ରୋଗ ଯୋଗୁ ଚାଷୀ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଏହାର ନିରାକରଣ ପାଇଁ ଚାଷୀଙ୍କୁ କ'ଣ ସବୁ ଉପାୟ ଅବଲମ୍ବନ କରିବାକୁ ହେବ ସେ ଦିଗରେ ସମ୍ବଳ ଅଧିକାରୀମାନେ ଶିବିରାର୍ଥୀଙ୍କୁ ବୁଝାଇଥିଲେ। ପାନପତ୍ରରେ କଳାଦାଗ ସୃଷ୍ଟି ହେବା ଓ କାଣ୍ଡ ଶୁଖି ଯିବା ଭଳି ଲକ୍ଷଣ ଦେଖାଦେଲେ ଏହି ରୋଗ ଆରମ୍ଭ ହୋଇଛି ବୋଲି ଜଣାପଡ଼େ। ଏହାର ନିରାକରଣ ନ କଲେ ପାନପତ୍ରଗୁଡ଼ିକ ଜାଲି ହୋଇଯିବା, ହଳଦିଆ ପଡ଼ିବା, ଗଛଗୁଡ଼ିକ ମରିଯିବା ଭଳି ସ୍ଥିତି ଉପୁଜିଥାଏ। ଏହି ରୋଗ ଦାଉରୁ ଖେତକୁ ସୁରକ୍ଷିତ ରଖିବାକୁ ହେଲେ ନିମତେଲ ଏକର ପିଛା ୧ରୁ ୨ କୁଇଣ୍ଟାଲ ବ୍ୟବହାର କରିବାକୁ ହେବ। କୀଟନାଶକ ବୋଡାକ୍ସ ଦ୍ରବଣ ଗଛର ମୂଳରେ ୧ ଶତକଡ଼ା ଓ ପତ୍ରରେ ୦.୫ ଶତକଡ଼ା ସିଞ୍ଚନ କରିବାକୁ ହେବ। ବାଇଓ ନିୟନ୍ତ୍ରଣ ଔଷଧ ଟ୍ରାଇକୋଡରମା ଭିରିଡିରୁ ୧ କେଜିକୁ ୧ କୁଇଣ୍ଟାଲ ଓଦା ଖତରେ ମିଶାଇ ପଲିଥିନ ମଧ୍ୟରେ ସପ୍ତାହକ ପର୍ଯ୍ୟନ୍ତ ଘୋଡାଇ ରଖିବାକୁ ହେବ। ଏହାକୁ ଗଛ ମୂଳରେ ବ୍ୟବହାର କଲେ ପାନଗଛ ଚାରିପଟେ ଏକ ସୁରକ୍ଷା ବଳୟ ସୃଷ୍ଟି ହୁଏ। ଏହି ବଳୟ ମଧ୍ୟକୁ କ୍ଷତିକାର ରୋଗପୋକଗୁଡ଼ିକ ପ୍ରବେଶ କରି ପାରନ୍ତି ନାହିଁ ଓ ଗଛ ଗୁଡିକ ବିଭିନ୍ନ ରୋଗ ଦାଉରୁ ରକ୍ଷା ପାଇଥାଏ ବୋଲି ସମ୍ବଳ ଅଧିକାରୀ ଉଦ୍ୟାନ କୃଷି ବିଶେଷଜ୍ଞ ଡ. ବବିତା ମିଶ୍ର, ରୋଗପୋକ ନିୟନ୍ତ୍ରଣ ବିଶେଷଜ୍ଞ ଡ. ବିଜୟ କୁମାର ରାଉତରାୟ, କ୍ଷେତ୍ର ବିଜ୍ଞାନୀ ଡ. ଲଳିତ କୁମାର ମହାନ୍ତି ପ୍ରମୁଖ ଚାଷୀଙ୍କୁ ବୁଝାଇଥିଲେ। ଅଗ୍ରଣୀ ଚାଷୀ ରବୀନ୍ଦ୍ର ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।

# ୨୦ନଂ.ଜାତୀୟ ରାଜପଥରେ ବଢୁଛି ଦୁର୍ଘଟଣା

**ମାସକରେ ଯାଉଛି ୪ ଜୀବନ**

**ଯାଜପୁର ସଦର,୨୩।୮(ଡି.ଏନ୍.ଏ.)**



ରାସ୍ତାରୁ ପିଚୁ ଉଠିଯାଇଛି।

କୁଆଖିଆ-ଯାଜପୁର ଟାଉନ ୨୦ ନଂ. ଜାତୀୟ ରାଜପଥର କବିରପୁର ଛକଠାରୁ ମଲ୍ଲିକାପୁର ଛକ ପର୍ଯ୍ୟନ୍ତ ରାସ୍ତାରେ ଖାଲଖମା ଭର୍ତ୍ତି ହୋଇଛି। ଯାଜପୁର ଜିଲା ମୁଖ୍ୟାଳୟକୁ ଏହା ମୁଖ୍ୟରାସ୍ତା ହୋଇଥିବାବେଳେ ପ୍ରତିଦିନ ଉକ୍ତ ରାସ୍ତାରେ ବହୁ ସଂଖ୍ୟାରେ ହାଲୁକାଯାନ ସହ ଶତାଧିକ ବାଲି ବୋଝେଇ ହାଇୱା ଓ ଟ୍ରକ୍ ଯାତାୟାତ କରୁଥିବାରୁ ରାସ୍ତାରେ ଗାତ ସୃଷ୍ଟି ହୋଇଛି। ବାରମ୍ବାର ମରାମତି ସତ୍ତ୍ୱେ ନିମ୍ନମାନର କାମ ପାଇଁ ୨ମାସ ନ ପୂରୁଣୁ ପୁଣି ତାହା ପୂର୍ବବସ୍ଥାକୁ ଫେରି ଆସୁଛି। ଏଥିଯୋଗୁ ଦୁର୍ଘଟଣା ଘଟିପ୍ରତି ମାସରେ ୩ରୁ ୪ ଜୀବନ ଯାଉଥିବା ଅଭିଯୋଗ ହୋଇଛି। ରାସ୍ତାର ବୁଢାଘାଟ ଛକ ନିକଟରେ ଗୋଟିଏ ୪ ଚକିଆ ଗାଡି ଆସିଲେ ଅନ୍ୟ କୌଣସି ଗାଡି ଅତିକ୍ରମ କରି ପାରୁନାହିଁ। ଏହି ଶୋଚନୀୟ ରାସ୍ତାରେ ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ମନ୍ତ୍ରୀ ବିଧାୟକ ପର୍ଯ୍ୟନ୍ତ ଯିବା ଆସିବା କରୁଥିଲେ ତା'ର ପ୍ରତିକାର ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ସୁପ୍ରିମ କୋର୍ଟ ରୋଡ ସେଫଟି କମିଟି ପକ୍ଷରୁ ଦୁର୍ଘଟଣା ଓ ଏଥିଯୋଗୁ ମୃତ୍ୟୁ ସଂଖ୍ୟା ହ୍ରାସ କରିବାକୁ ବାରମ୍ବାର ତାଗିଦ କରାଯାଉ ଥିଲେ ହେଁ ପ୍ରଶାସନିକ ଅଧିକାରୀଙ୍କ ଆନ୍ତରିକତାର ଅଭାବ ଯୋଗୁ ତାହା ବିଫଳ ହେଉଥିବା ମତପ୍ରକାଶ ପାଇଛି।

# ପ୍ରାଥମିକ କୃଷି ସମବାୟ ସମିତିରେ ଅନିୟମିତତା

**ତଦନ୍ତ ଦାବି କଲା ସୁରକ୍ଷା ମଞ୍ଚ**

**ପଟ୍ଟାମୁଣ୍ଡାଇ,୨୩।୮(ସ୍ୱ.ପ୍ର.)**

କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ପଟ୍ଟାମୁଣ୍ଡାଇ ଶାଖା ଅଧୀନରେ ଥିବା ଏକାଧିକ ସମବାୟ ସମିତିରେ ଜାଲ ଶିକ୍ଷାଗତ ପ୍ରମାଣପତ୍ର ଦେଇ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଥିବା ଅଭିଯୋଗ ହୋଇଛି । ଏହାର ତଦନ୍ତ ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ ସମବାୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି । ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସମବାୟ ସୁରକ୍ଷା ମଞ୍ଚ ଦାବି କରିଛି । କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ପ୍ରଶାସକ, କେନ୍ଦ୍ରାପଡ଼ା ସମବାୟ ସହକାରୀ ନିବନ୍ଧକ, କଟକ ଉପନିବନ୍ଧକ ଓ କେନ୍ଦ୍ରାପଡ଼ା ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି। ଏନେଇ କେତେଜଣ ସମ୍ପାଦକ ନିଜ ସୁରକ୍ଷା ପାଇଁ ସମିତିର କର୍ମକର୍ତ୍ତା ଓ କେନ୍ଦ୍ରାପଡ଼ା ସମବାୟ ସହକାରୀ ନିବନ୍ଧକଙ୍କୁ ନିଜ ସପକ୍ଷକୁ ନେବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି ।

ଜଣେ ସମ୍ପାଦକ ସଂସ୍କୃତ ଟୋଲ ଶିକ୍ଷାଗତ ପ୍ରମାଣ ଦେଇ ଚାକିରି କରୁଛନ୍ତି। ଜାଲ ଶିକ୍ଷାଗତ ପ୍ରମାଣପତ୍ର ଦେଇ ସେ ଚାକିରି ହାତେଇ ଥିବା ବେଳେ ସମବାୟ ସମିତିକୁ ନିଜର ପୈତୃକ ସମ୍ପତ୍ତି ଭାବି ନିଜ ପୁଅକୁ ବେଆଇନ ଭାବେ ସହ ସମ୍ପାଦକ ଭାବେ ନିଯୁକ୍ତି ଦେଇ ସମବାୟ ନିୟମକୁ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି । ଏହାର ତଦନ୍ତ କରାଯାଉ ବୋଲି କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ପ୍ରଶାସକ, କେନ୍ଦ୍ରାପଡ଼ା ସମବାୟ ସହକାରୀ ନିବନ୍ଧକ, କଟକ ଉପନିବନ୍ଧକ ଓ କେନ୍ଦ୍ରପଡ଼ା ଜିଲାପାଳଙ୍କ ନିକଟରେ ସୁରକ୍ଷା ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଅନ୍ୟପକ୍ଷେ ଏକାଧିକ ସମବାୟ ସମିତିରେ ବ୍ୟାପକ ଋଣ ଜାଲିଆତି ଓ ହେରଫେର କରାଯାଇ ଅର୍ଥ ହରିଲୁଟ ହେଉଥିବା ଅଭିଯୋଗ ହୋଇଛି। ସମବାୟ ସମିତିରେ ବଳରାମ ଯୋଜନା କାର୍ଯ୍ୟ ଠିକ୍ ଭାବେ ପରିଚାଳିତ ହେଉନାହିଁ। ଚାଷୀ ଋଣ ବାବଦରେ ବ୍ୟାପକ ଦୁର୍ନୀତି ହେଉଥିବା ଦର୍ଶାଯାଇଛି । ଆଦୌ ଜମି ନ ଥିବା ବ୍ୟକ୍ତିଙ୍କ ନାମରେ ଜାଲିଆତି କରାଯାଇ ଧାନ କିଣାଯାଇଛି । ଅନ୍ୟ କେତେକ ସମିତିରେ ସମବାୟ ନିୟମକୁ ଉଲ୍ଲଂଘନ କରାଯାଇ ବେଆଇନ ନିଯୁକ୍ତି ଦିଆଯାଇଛି । ଏ ସଂକ୍ରାନ୍ତରେ ଉପଯୁକ୍ତ ତଦନ୍ତ କରା ନ ଗଲେ ପଟ୍ଟାମୁଣ୍ଡାଇ ସମବାୟ ସୁରକ୍ଷା ମଞ୍ଚ ଆନ୍ଦୋଳନ କରିବ ବୋଲି ସଭାପତି ବ୍ରଜବନ୍ଧୁ ଦାଶ, ସମ୍ପାଦକ ଜ୍ୟୋତିପ୍ରକାଶ ପ୍ରଧାନ, ଉପସଭାପତି ହିରଣ୍ୟ ରାଉତ, ସହସମ୍ପାଦକ ବନମାଳୀ ମହାପାତ୍ର, ମୁକୁନ୍ଦ ଓଝା, ନିମାଇଁ କର, ପ୍ରଫୁଲ୍ଲ ଦାଶ,ଧନେଶ୍ୱର ପ୍ରଧାନ, ଅବିନାଶ ଲେଙ୍କା ପ୍ରମୁଖ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ୧୨ କରୋନା ଆକ୍ରାନ୍ତ ଚିହ୍ନଟ

**ନୟାଗଡ଼ ଅଫିସ, ୨୩।୮ :**ସୋମବାର କରୋନା ରିପୋର୍ଟରେ ନୟାଗଡ଼ ଜିଲାରୁ ୧୨ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଗଣିଆ, ଖଣ୍ଡପଡ଼ା ଓ ନୟାଗଡ ବ୍ଲକରେ ୨ଜଣ ଲେଖାଏଁ ୬ ଜଣ, ନୂଆଗାଁ ଓ ରଣପୁର ବ୍ଲକରେ ଜଣେ ଲେଖାଏଁ ୨ଜଣ, ନୟାଗଡ ପୌରାଞ୍ଚଳରୁ ୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏ ସଂଖ୍ୟାକୁ ମିଶାଇ ୨ୟ ଲହରରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୬ ହଜାର ୧୩୨ରେ ପହଞ୍ଚିଛି । ସୂଚନାଯୋଗ୍ୟ, କରୋନାର ପ୍ରଥମ ଓ ୨ୟ ଲହର ନୟାଗଡ଼ ଜିଲାରୁ ୧୯୬ଜୀବନ ନେଇ ସାରିଛି ।

### କୁସୁମୀ ସେତୁ ଉପରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ନାହିଁ

**ଖଣ୍ଡପଡ଼ା,୨୩।୮(ସ୍ୱ.ପ୍ର.):** ଖଣ୍ଡପଡ଼ା-ଭୁବନେଶ୍ୱର ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାରେ ଅବସ୍ଥିତ କୁସୁମୀ ନଦୀ ସେତୁ ଉପରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ନିମନ୍ତେ ଦାବି ହୋଇଛି । କୁସୁମୀ ନଦୀ ସେତୁକୁ ସଂଯୋଗ କରୁଥିବା ଦୁଇପାର୍ଶ୍ୱ ରାସ୍ତା ଓ କୁସୁମୀ ମାଳବନ୍ଧ ଉପର ଦେଇ ନିକଟସ୍ଥ ମା’ପାଟଚଣ୍ଡୀ ପୀଠକୁ ସଂଯୋଗ କରୁଥିବା ରାସ୍ତାରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଯାଇଥିବା ବେଳେ ଏଥିରୁ କୁସୁମୀ ସେତୁ ବାଦ ପଡିଛି । ଫଳରେ ସନ୍ଧ୍ୟା ପରଠାରୁ ଏହି ସେତୁ ଅନ୍ଧାରରେ ରହୁଛି । ଏହାର ସୁଯୋଗ ନେଇ ଅସାମାଜିକ ବ୍ୟକ୍ତିମାନେ କୁସୁମୀ ସେତୁ ଉପରେ ଆଡ୍ଡା ଜମାଉଛନ୍ତି ବୋଲି ଅଭିଯୋଗ ହୋଇଛି ।

### ହାଇୱା ଚାଳକ କୋର୍ଟ ଚାଲାଣ

**ଖଣ୍ଡପଡ଼ା,୨୩।୮(ସ୍ୱ.ପ୍ର.):** ଖଣ୍ଡପଡ଼ା ନିକଟସ୍ଥ ଖଳିସାହି ଗ୍ରାମ ନିକଟରେ ରବିବାର ଦୁର୍ଘଟଣା ଘଟାଇଥିବା ହାଇୱା ଚାଳକ ସନ୍ତୋଷ ପରିଡ଼ାଙ୍କୁ ପୋଲିସ ଗିରଫ କରି ଖଣ୍ଡପଡ଼ା ଥାନାରେ ଅଟକ ରଖିଥିଲା । ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ ହାଇୱା ସହ ଏକ ବାଇକ୍‌ର ଧକ୍କା ହେବା ଫଳରେ ଧାନଚେଙ୍ଗଡା ଗ୍ରାମର ବିକ୍ରମ ସାହୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ତାଙ୍କ ସାଙ୍ଗ ବିକାଶ ନାଏକ ଏବେ ଚିକିତ୍ସାଧୀନ ଅଛନ୍ତି । ତାଙ୍କ ସ୍ୱାସ୍ଥ୍ୟବସ୍ଥା ଉଦ୍‌ବେଗଜନକ ରହିଛି ।

### ଅପହରଣକାରୀ ଗଲେ ଜେଲ

**ନୟାଗଡ ଅଫିସ,୨୩।୮:** ନାବାଳିକା ଅପହରଣ ଘଟଣାରେ ଅପହରଣକାରୀ ଚାନ୍ଦପୁର ଥାନା ପୋଲିସ ଦିବ୍ୟଜ୍ୟୋତି ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ଦିବ୍ୟଜ୍ୟୋତିଙ୍କୁ ରଣପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି । ବୋଲଗଡ଼ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଦିବ୍ୟଜ୍ୟୋତି ଅପହରଣ କରି ନେଇଥିଲେ । ଖବରପାଇ ପୋଲିସ ଖଣ୍ଡଗିରି ଅଞ୍ଚଳରୁ ତାଙ୍କୁ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଛି ।

### କାର୍ଯ୍ୟକାରୀ କମିଟି ବୈଠକ

**ନୟାଗଡ଼ ଅଫିସ,୨୩।୮:**ବରିଷ୍ଠ ନାଗରିକ ମଞ୍ଚ ଏଲ୍ଡର ଭିଜନ ଓ ଆକ୍ସନ ଗ୍ରୁପର କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତି ଅମୂଲ୍ୟ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ନାଗରିକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା । ମଞ୍ଚକୁ ଠିକ୍ ଭାବେ ପରିଚାଳନା କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

# ମାଳବନ୍ଧର ସ୍ଥାୟିତ୍ୱ ନାହିଁ

- ଆନିକଟ ଯୋଗୁ ଗାଁରେ ପଶୁଛି ନଦୀଜଳ
- ଦଳ ସଫା ହେଉ ନ ଥିବାରୁ ବ୍ୟାପୁଛି ଚର୍ମରୋଗ
- ବାୟାପଲ୍ଲୀ ଗାଁଲୋକଙ୍କ ଦୁଃଖ ଶୁଣୁନାହିଁ ଜଳସମ୍ପଦ ବିଭାଗ

**ନୟାଗଡ଼ ଅଫିସ,୨୩।୮**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଗୋଡ଼ିପଲ୍ଲୀ ପଞ୍ଚାୟତର ବାୟାପଲ୍ଲୀ ଗାଁଲୋକଙ୍କ ପାଇଁ କୁସୁମୀ ନଦୀର ଆନିକଟ ସମସ୍ୟା ସୃଷ୍ଟି କରିଛି । ଏହି ଆନିକଟ ଗ୍ରାମବାସୀଙ୍କ ପାଇଁ ବିପଦର କାରଣ ହୋଇଛି । ଆନିକଟ କାମ ଠିକ୍ ଭାବେ ହୋଇ ନ ଥିବାରୁ ଗାଁ ଭିତରେ ପାଣି ପଶୁଛି । ଗାଁକୁ ମାଳବନ୍ଧ ସୁରକ୍ଷା ଦେଇ ପାରୁନାହିଁ । ପୁଣି ଗ୍ରାମବାସୀ ନଦୀରେ ଗାଧୋଇ ଚର୍ମରୋଗରେ ଆକ୍ରାନ୍ତ ହେଉଛନ୍ତି । ଗ୍ରାମବାସୀ ବିଭିନ୍ନ ସମୟରେ ସେମାନଙ୍କ ସମସ୍ୟାକୁ ନେଇ ଜଳସମ୍ପଦ ବିଭାଗ କର୍ତ୍ତୃପକ୍ଷଙ୍କୁ ଅବଗତ କରୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି ।


କୁସୁମୀ ନଦୀର ଆନିକଟ ଘାସ ଓ ଦଳରେ ପୂର୍ଣ୍ଣ ।

ସୂଚନା ଅନୁଯାୟୀ, ବୟାପଲ୍ଲୀ ଗାଁରେ ୩୦ ପରିବାର ତେଲୁଗୁ ସଂପ୍ରଦାୟର ଲୋକେ ବସବାସ କରନ୍ତି । ଏହି ଗାଁରେ ମାତ୍ର ଗୋଟିଏ ନଳକୂପ ଥିବାବେଳେ ଆଦୌ ପୋଖରୀ ନାହିଁ । ଗାଁଲୋକେ ନଦୀରେ ସ୍ନାନ କରୁଥିଲେ । ତେବେ ଆନିକଟ ହେବା ପରେ ନଦୀରେ ପାଣି ଜମା ହୋଇ ରହିଲା । ସେହି ପାଣିରେ ଦଳ ଭର୍ତ୍ତି ହୋଇ ରହିଥିଲେ ମଧ୍ୟ ସଫା କରାଗଲା ନାହିଁ । ଗାଁଲୋକମାନେ ନଦୀରେ ସ୍ନାନ କରି ଚର୍ମରୋଗରେ ଆକ୍ରାନ୍ତ ହେଉଛନ୍ତି । ଗାଁରୁ ପାଣି ନଦୀକୁ ଆସିବା ପାଇଁ କଲଭର୍ଟ ନିର୍ମାଣ ହୋଇଥିଲା । ତେବେ ଆନିକଟ ହେବା ପରେ କଲଭର୍ଟ ଦେଇ ନଦୀ ଜଳ ଗାଁ ଭିତରେ ପଶୁଛି । ସାମାନ୍ୟ ବର୍ଷାହେଲେ ମଧ୍ୟ ନିସ୍ତାର ମିଳୁନାହିଁ । ପୁଣି ମାଳବନ୍ଧ ଦୁର୍ବଳ ହୋଇ ରହିଛି । ଏହାର ମରାମତି କରାଯାଉନାହିଁ । ଅନ୍ୟପକ୍ଷେ ମାଳବନ୍ଧର ଉଚ୍ଚତା ବୃଦ୍ଧି କରାଯାଉନାହିଁ ।

ଏ ସଂକ୍ରାନ୍ତରେ ଗାଁର ୱାର୍ଡମେମ୍ବର ହରିହର ପାତ୍ର, ଗ୍ରାମ୍ୟ କମିଟି ସଭାପତି ସନ୍ତୋଷ ଦୋରା ଓ ଅବସରପ୍ରାପ୍ତ ଶିକ୍ଷକ ତ୍ରିନାଥ ଦୋରା କୁହନ୍ତି, ଗାଁକୁ ବନ୍ୟା ଦାଉରୁ ରକ୍ଷା କରିବାକୁ ନିର୍ମାଣ ହୋଇଥିବା ମାଳବନ୍ଧର ଉଚ୍ଚତା ବଢ଼ାଇବା ସହ ମରାମତି କରାଯାଉ । ଚର୍ମରୋଗରୁ ରକ୍ଷା ପାଇଁ ନଦୀରୁ ଦଳ ସଫା କରାଯାଉ । ଆନିକଟ ପାଖରେ ଜମି ରହୁଥିବା ଜଳ ବିଲରେ ମାଡିବାର ବ୍ୟବସ୍ଥା କରାଯାଉ । ଆନିକଟ ଚାଷୀଙ୍କ କାମରେ ଲାଗୁନାହିଁ । ନଦୀ ଜଳ ବି ବ୍ୟବହାର ହୋଇପାରୁନାହିଁ । ମରୁଡ଼ି ସମୟରେ ପାଣି ଜମିରେ ମାଡି ପାରୁନାହିଁ । ଅନ୍ୟପକ୍ଷେ କଲଭର୍ଟକୁ ଆଉଥରେ ତିଆରି କରାଯାଉ । ଆନିକଟରେ ଲାଗିଥିବା ୧୭ କବାଟକୁ ପରିବର୍ତ୍ତନ କରାଯାଇ କାର୍ଯ୍ୟକ୍ଷମ କରାଯାଉ । କବାଟ ଚାବି ଗାଁ ଲୋକଙ୍କ ପାଖରେ ରହୁ । ଏହା କରାଗଲେ ବାୟାପଲ୍ଲୀଙ୍କ ଦୁଃଖ ହଟିବ ବୋଲି ସେମାନେ କହିଛନ୍ତି ।

# ଜବରଦଖଲକୁ ନେଇ ୨ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ

**ଖଣ୍ଡପଡ଼ା,୨୩।୮(ସ୍ୱ.ପ୍ର,)**

କଣ୍ଟିଲୋ ଫାଣ୍ଡି ସିଧାମୂଳା ପଞ୍ଚାୟତ ବଳରାମପ୍ରସାଦ ମୌଜା ମଝିସାହିରେ ଥିବା ସରକାରୀ ରାସ୍ତାକୁ ଜବରଦଖଲ ନେଇ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଛି । ସେହି ସାହିର ଚକ୍ରଧର ଦାସ ଏହାର ପ୍ରତିବାଦ କରିବାରୁ ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା । ଖବର ପାଇ କଣ୍ଟିଲୋ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛି । ବଳରାମପ୍ରସାଦ ଗ୍ରାମର ଏହି ସରକାରୀ ରାସ୍ତାରେ ଗ୍ରାମର ଲୋକମାନେ ଯାତାୟତ କରୁଥିବା ବେଳେ ଉକ୍ତ ଜାଗା ଉପରେ କୋଠ ନିର୍ମାଣ ପାଇଁ ଯୋଜନା ହୋଇଥିଲା । ଏ ସଂକ୍ରାନ୍ତରେ ସିଧାମୂଳା ସରପଞ୍ଚଙ୍କ ସମେତ ବଳରାମପ୍ରସାଦ ଗ୍ରାମବାସୀ ମେ ୩୧ ରେ ଖଣ୍ଡପଡ଼ା ତହସିଲଦାରଙ୍କୁ ଓ ଜୁନ ୧୬ରେ ନୟାଗଡ଼ ଜିଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଇଥିଲେ । ହେଲେ ଏ ସଂକ୍ରାନ୍ତରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା । ଶନିବାର ଏହାକୁ କେନ୍ଦ୍ର କରି ଚକ୍ରଧର ସେଠୀ ଓ ପୂର୍ଣ୍ଣଚନ୍ଦ୍ର ସେଠୀ, ମନମୋହନ ସେଠୀ, ରଘୁନାଥ ସେଠୀ, ଲୋକନାଥ ସେଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା । ଏଥିରେ ଚକ୍ରଧର ସେଠୀ ଏବଂ ତାଙ୍କ ପରିବାର ସଦସ୍ୟମାନେ ଆହତ ହୋଇଥିବା ଏତଲାରେ ଦର୍ଶାଯାଇଛି । ଉଭୟ ପକ୍ଷର ଅଭିଯୋଗ କ୍ରମେ ୨ଟି ମାମଲା (ନଂ.୧୬୩/ ୨୧ ଓ ୧୬୪/୨୧) ରୁଜୁ ହୋଇଛି ।

# ବଳାତ୍କାର ପରେ ଫଟୋ ଭାଇରାଲ, ୨ ଗିରଫ

**ନୟାଗଡ଼ ଅଫିସ, ୨୩।୮**

ନାବାଳିକାଙ୍କୁ ବଳାତ୍କାର କରି ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିବା ଅଭିଯୋଗରେ ଚାନ୍ଦପୁର ଥାନା ପୋଲିସ ରାକେଶ ରଣସିଂ ଓ ଉମାକାନ୍ତ ସ୍ୱାଇଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ରଣପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି । ଏ ନେଇ ଅଭିଯୋଗ ପରେ ପୋଲିସ ମକଦ୍ଦମା ରୁଜୁ କରି ତଦନ୍ତ କରିଥିଲା ।



ଧାରଣାରେ ବସିଥିବା ଛାତ୍ରୀଛାତ୍ର ଓ ଅଭିଭାବକମାନେ ।

# ଶିକ୍ଷକ ପଦବୀ ପୂରଣ ପାଇଁ ଧାରଣା

**ସ୍କୁଲ ଫାଟକରେ ତାଲା ପକାଇ ବସିଲେ ଛାତ୍ରୀଛାତ୍ର, ଅଭିଭାବକ**

**ନୂଆଗାଁ,୨୩।୮(ଡି.ଏନ.ଏ.)**

ଶିକ୍ଷକଙ୍କ ଅଭାବରୁ ଗାତେରୀ ପଞ୍ଚାୟତ ସରକାରୀ ହଜାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପାଠପଢା ଏକପ୍ରକାର ବନ୍ଦ ରହିଛି । ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଏହାର ପ୍ରତିବାଦ ତଥା ଶିକ୍ଷକ ପଦବୀ ପୂରଣ ପାଇଁ ସୋମବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି ସ୍କୁଲର ଛାତ୍ରୀଛାତ୍ର ଓ ଅଭିଭାବକମାନେ । ସେମାନେ ସ୍କୁଲ ଫାଟକରେ ତାଲା ପକାଇ ଖରାରେ ବହୁ ସମୟ ବସି ରହିବା ଘଟଣା ଏଠାରେ ଆଲୋଚ୍ୟ ବିଷୟ ହୋଇଛି ।

ସୂଚନା ଅନୁଯାୟୀ, ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଗାତେରୀ ପଞ୍ଚାୟତରେ ୧୯୭୮ ମସିହାରେ ପ୍ରତିଷ୍ଠା କରାଯାଇଥିଲା ସରକାରୀ ହଜାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ । ସେହି ସ୍କୁଲରେ ୧୯୭୮ରୁ ୨୦୦୮ ଯାଏ ଷଷ୍ଠ ଓ ସପ୍ତମ ଶ୍ରେଣୀ ରହିଥିଲା । ୨୦୦୮ରେ ଅଷ୍ଟମରୁ ଦଶମ ଶ୍ରେଣୀ ଯୋଗ କରାଯାଇଥିଲା । ହେଲେ ଆଜି ପର୍ଯ୍ୟନ୍ତ ଆବଶ୍ୟକ ଶିକ୍ଷକ ପଦବୀ ପୂରଣ କରାଯାଇପାରିନାହିଁ । ଗଣିତ ଓ ବିଜ୍ଞାନ ଶିକ୍ଷକ ନାହାନ୍ତି । ଅନ୍ୟ ଶିକ୍ଷକଙ୍କ ଦ୍ୱାରା ପାଠ ପଢି ୨୦୧୦-୧୧ ଶିକ୍ଷା ବର୍ଷରେ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଥିଲେ । ସେଦିନଠାରୁ ଏହିପରି ଶିକ୍ଷକ ସମସ୍ୟା ଲାଗି ରହିଥିବା ବେଳେ ୨୦୧୯-୨୦ ମସିହାରେ ଗାତେରୀ ପ୍ରାଇମେରୀ ସ୍କୁଲକୁ ବନ୍ଦ କରି ସରକାରୀ ହଜାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ମିଶାଇ ଦିଆଗଲା । ଏହାପରେ ୨ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିଲା । କିନ୍ତୁ ନିଯୁକ୍ତିର କିଛି ଦିନ ପରେ ସମ୍ପୃକ୍ତ ଶିକ୍ଷକଦ୍ୱୟଙ୍କ ମଧ୍ୟରୁ ଜଣେ ଅବସର ଗ୍ରହଣ କରିଥିବା ବେଳେ ଅନ୍ୟ ଜଣଙ୍କୁ ଅନ୍ୟତ୍ର ବଦଳି କରି ଦିଆଯାଇଛି । ଏହି ବଦଳିକୁ ଛାତ୍ରୀଛାତ୍ର, ଅଭିଭାବକ ଓ କର୍ମଚାରୀମାନେ ବିରୋଧ କରିଥିଲେ । ହେଲେ ବ୍ଲକ ଶିକ୍ଷାଧିକାରୀ କୌଣସି ଅନୁରୋଧ ରଖି ନ ଥିଲେ । ୨୨୦ ଛାତ୍ରୀଛାତ୍ରଙ୍କ ପାଠପଢା ପାଇଁ ଆବଶ୍ୟକ ଶିକ୍ଷକ ନ ଥିବା ବେଳେ ଶିକ୍ଷକଙ୍କ ବଦଳିକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି ।

ଏ ସଂକ୍ରାନ୍ତରେ ସ୍କୁଲର ପ୍ରଧାନଶିକ୍ଷକ ଶରତ କୁମାର ରାଉତ ବାରମ୍ବାର ବିଭାଗୀୟ ଅଧିକାରୀମାନଙ୍କୁ ଜଣାଇ ଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି । ଏବେ ୨ ଜଣ ଟିଜିଟି ଆର୍ଟସ ଶିକ୍ଷକ, ଜଣେ ଖେଳ ଶିକ୍ଷକ ଓ ୫ ଏଲିମେଣ୍ଟାରି ଶିକ୍ଷକ ଅଛନ୍ତି । ବିଜ୍ଞାନ ଓ ଗଣିତ ଶିକ୍ଷକ ପଦବୀ ପୂରଣ ନ ହେବା ଯାଏ ଏମିତି ଧାରଣାରେ ବସି ରହିବୁ ବୋଲି ଅଭିଭାବକ ଓ ଛାତ୍ରୀଛାତ୍ରମାନେ କହିଛନ୍ତି । ଅନ୍ୟପକ୍ଷେ ଜିଲା ଶିକ୍ଷାଧିକାରୀଙ୍କ ଅନୁପସ୍ଥିତିରେ ନୂଆଗାଁ ବ୍ଲକ ଶିକ୍ଷାଧିକାରୀ ପ୍ରସନ୍ନ କୁମାର ପଣ୍ଡା ଜିଲା ଅତିରିକ୍ତ ଶିକ୍ଷାଧିକାରୀଙ୍କ ସହ ସମସ୍ୟା ସମାଧାନ ପାଇଁ ଆଲୋଚନା କରୁଥିବା କହିଛନ୍ତି ।

## ଯାତ୍ରୀ ବିଶ୍ରାମାଗାର ଉନ୍ନତୀକରଣ ଦାବି

**ଖଣ୍ଡପଡ଼ା,୨୩।୮(ସ୍ୱ.ପ୍ର.)**

ଖଣ୍ଡପଡ଼ା ଏନଏସି କର୍ତ୍ତୃପକ୍ଷଙ୍କ ରକ୍ଷଣାବେକ୍ଷଣ ଅଭାବରୁ ସହରର ତ୍ରିନାଥ ଛକ ଓ ୮ନଂ. ୱାର୍ଡ ଅଧୀନ କୁମ୍ଭାର ସାହିରେ ଥିବା ଯାତ୍ରୀ ବିଶ୍ରାମାଗାର ପରିତ୍ୟକ୍ତ ଅବସ୍ଥାରେ ପଡ଼ିଛି । ଯାତ୍ରୀମାନେ ବହୁ ସମୟ ଧରି ବିଶ୍ରାମାଗାର ପରିସରରେ ବସକୁ ଅପେକ୍ଷା କରୁଥିଲେ । ବସରୁ ଓହ୍ଲାଉଥିବା ଯାତ୍ରୀମାନେ ମଧ୍ୟ ବିଶ୍ରାମାଗାରରେ କିଛି ସମୟ କଟାଇ ଘରକୁ ଫେରୁଥିଲେ । ଏବେ ପରିତ୍ୟକ୍ତ ଅବସ୍ଥାରେ ଥିବା ସେହି ସ୍ଥାନ ବୁଲା ଗାଈଗୋରୁ, କୁକୁରଙ୍କ ବିଶ୍ରାମସ୍ଥଳ ପାଲଟିଛି । ଏହାର ସୁଯୋଗ ନେଇ ବୁଲା ବିକାଳିମାନେ ବର୍ଜ୍ୟବସ୍ତୁକୁ ସେଠାରେ ଫୋପାଡି ଦେଉଥିବା ନଜୀର ରହିଛି । ଏ ସଂକ୍ରାନ୍ତରେ ଏନଏସି କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

## ସାଇବର ଅପରାଧୀ ଗିରଫ

**ନୟାଗଡ଼ ଅଫିସ,୨୩।୮**

ନୟାଗଡ଼ ଜିଲାର ଚାନ୍ଦପୁର ଥାନା ପୋଲିସ ଗଞ୍ଜାମ ଜିଲା ଖଲ୍ଲିକୋଟର ଗଣେଶ ବେହେରା ନାମକ ଜଣେ ସାଇବର ଅପରାଧୀକୁ ସୋମବାର ଗିରଫ କରିଛି । ପୋଲିସ ସୂଚନା ଅନୁସାରେ, ଖଲ୍ଲିକୋଟର ଗଣେଶ ଅଜଣା ଲୋକଙ୍କ ସହ ସମ୍ପର୍କ ସୃଷ୍ଟି କରୁଥିଲେ । ପରେ ବାହାନା କରି ମୋବାଇଲ ମାଗି ନେଉଥିଲେ । ମୋବାଇଲ ପାଇବା ପରେ ଚତୁରତାର ସହ ଆପ୍ ୟୁପିଆଇ କୋଡ୍‌କୁ କପି କରି ନେଉଥିଲେ । ପରେ ନିଜ ଆକାଉଣ୍ଟକୁ ଟଙ୍କା ନେଇ ଯାଉଥିଲେ । ଚାନ୍ଦପୁର ଅଞ୍ଚଳର ଏପରି ୩ ଜଣ ଠକେଇର ଶିକାର ହୋଇଛନ୍ତି । ଅଭିଯୋଗ ପରେ ପୋଲିସ ଏହି ଘଟଣାର ତଦନ୍ତ କରି ତାଙ୍କୁ ଗିରଫ କରିଥିଲା ।

# ଦୁଇ ବ୍ୟବସାୟୀଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ

**ବେଆଇନ ରନ୍ଧନ ଗ୍ୟାସ୍ କାରବାର**

- ୩ ଗୁରୁତର, ମାରଣାସ୍ତ୍ର ଜବତ କଲା ପୋଲିସ

**ଓଡ଼ଗାଁ, ୨୩।୮ (ସ୍ୱ.ପ୍ର.)**

ଓଡ଼ଗାଁ ଆଦର୍ଶ ଥାନା ଓ ସଦର ଉପକଣ୍ଠ ବାହାଡାପିଠା ରୋଡରେ ବେଆଇନ ରନ୍ଧନ ଗ୍ୟାସ କାରବାରକୁ ନେଇ ଦୁଇ ବ୍ୟବସାୟୀଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ସୋମବାର ହୋଇଛି । ଏଥିରେ ଉଭୟପକ୍ଷରୁ ୩ ଜଣ ଗୁରୁତର ହୋଇ ଚିକିତ୍ସା ନିମନ୍ତେ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି । ଗୋଟିଏ ପକ୍ଷର ଦୁଇଭାଇ ସୁରେଶ ସାହୁ(୩୮) ,ରମେଶ ସାହୁ (୪୦) ଓ ଅନ୍ୟପକ୍ଷର ସଚ୍ଚିକାନ୍ତ ସାହୁ ଓରଫ ବୁନା(୩୫) ବୋଲି ଜଣାଯାଇଛି ।

ପୋଲିସ ସୂଚନା ମୁତାବକ, ବାହାଡ଼ାପିଠା ଗ୍ରାମ ସିନେମା ହଲ ଛକ ବଜାରରେ ସଚ୍ଚିକାନ୍ତ ଓ ସୁରେଶ ଦୁଇ ବ୍ୟବସାୟୀ ସାମନା ସାମନି ଭିନ୍ନ ଭିନ୍ନ କମ୍ପାନୀର ରନ୍ଧନ ଗ୍ୟାସ ବିକ୍ରି କରନ୍ତି । ହେଲେ ବ୍ୟବସାୟ ଶତ୍ରୁତାକୁ ନେଇ ଉଭୟଙ୍କ ମଧ୍ୟରେ ଏକାଧିକ ଥର ବଚସା ହୋଇଥିବା କେତେଜଣ ଦେଖଣାହାରୀ ପ୍ରକାଶ କରିଛନ୍ତି । ଏପରିସ୍ଥଳେ ସୋମବାର ଅପରାହ୍ନ ସାଢେ ୧ଟାରେ ସଚ୍ଚିକାନ୍ତ ହଠାତ୍ ସୁରେଶଙ୍କ ଦୋକାନକୁ ଆସି ପାଟିତୁଣ୍ଡ କରିଥିଲେ । ପରେ ସେ ଏକ ମାରଣାସ୍ତ୍ର ଘରୁ ଆଣି ସୁରେଶକୁ ଆକ୍ରମଣ କରିଥିଲେ । ଏପରିକି ଦୋକାନରେ ଥିବା ରମେଶ ମଧ୍ୟ ସଚ୍ଚିକାନ୍ତଙ୍କ ଆକ୍ରମଣରୁ ବର୍ତ୍ତି ନ ଥିଲେ । ହେଲେ ଦୁଇଭାଇ ସାହାସର ସହ ସଚ୍ଚିକାନ୍ତଙ୍କଠାରୁ ମାରଣାସ୍ତ୍ର (କଟରା) ଛଡାଇ ଜୀବନ ବଞ୍ଚାଇବା ସହ ପ୍ରତି ଆକ୍ରମଣ କରିଥିଲେ । ଅନ୍ୟପକ୍ଷେ ସୁରେଶ ଓ ରମେଶ ତୁରନ୍ତ ସେଠାରୁ ରକ୍ତ ଭିଜା କଟରା ସହ ଥାନାରେ ପହଞ୍ଚି ପୋଲିସ ନିକଟରେ ଆତ୍ମସମର୍ପଣ କରିଥିଲେ । ଆଇଆଇସି ପ୍ରଜ୍ଞାପାରମିତା ଜେନା ଘଟଣାସ୍ଥଳରେ ପହଞ୍ଚି ୩ ଗୁରୁତରଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା କରାଇବା ପରେ ଅନ୍ୟତ୍ର ସ୍ଥାନାନ୍ତର କରିଛନ୍ତି । ହେଲେ ସଚ୍ଚିକାନ୍ତଙ୍କୁ ପ୍ରଥମେ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଓ ରମେଶଙ୍କୁ ନୟାଗଡ଼ରୁ ଏମ୍ସ ପଠାଇ ଦିଆଯାଇଥିବା ଜଣାଯାଇଛି ।

ଏ ନେଇ ସ୍ଥାନୀୟ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନାହିଁ । ପୋଲିସ ନିଜ ଅଡୁ ତଦନ୍ତ ଆରମ୍ଭ କରିଛି । ପୋଲିସ ରକ୍ତଭିଜା ଏକ କଟରା ଜବତ କରିଥିବା ବେଳେ ଅନ୍ୟ ଏକ ରକ୍ତ ଭିଜା ଲୁହା ପାଇପ ସୁରେଶଙ୍କ ଦୋକାନ ବାହାରେ ପଡିଥିବା ଦେଖିବାକୁ ମିଳିଛି । ଖବର ଲେଖା ହେବା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ । ଏ ସମ୍ପର୍କରେ ପୋଲିସ କିଛି ସୂଚନା ଦେଉ ନ ଥିବା ବେଳେ ନିକଟସ୍ଥ ବ୍ୟାଙ୍କର ସିସି କ୍ୟାମେରା ସବୁ କଏଦ ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି । ବେଆଇନ ଭାବେ ବଜାର ଭିତରେ ରନ୍ଧନ ଗ୍ୟାସ ବିକ୍ରି କରିବା ନେଇ ସ୍ଥାନୀୟ ଯୋଗାଣ ବିଭାଗ ଜାଣିଥିଲେ ସୁଦ୍ଧା କୌଣସି ପଦକ୍ଷେପ ନେଉ ନ ଥିବାରୁ ସାଧାରଣରେ ଏହାକୁ ନାପସନ୍ଦ କରାଯାଇଛି ।

# ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରୀ ଉପରେ ଗୁରୁତ୍ୱ

**ଦଶପଲ୍ଲା,୨୩।୮(ଡି.ଏନ.ଏ.)**

ଭାରତ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ୨୦୦୬ ଜଙ୍ଗଲ ଅଧିକାର ଆଇନ୍‌କୁ ସଂଶୋଧିତ କରାଯାଇ ୨୦୧୨ରେ ନୂତନ ଆଇନ ପ୍ରଚଳନ କରାଯାଇଥିଲେ ମଧ୍ୟ ତାହା ଏ ପର୍ଯ୍ୟନ୍ତ ଲୋକଙ୍କ ପାଖରେ ପହଞ୍ଚି ନ ଥିବା ଅଭିଯୋଗ ହୋଇଛି । ଏବେ ବି ଗ୍ରାମ୍ୟ ଜଙ୍ଗଲ ଉପରେ ଗ୍ରାମବାସୀ ସେମାନଙ୍କ ଅଧିକାର ସାବ୍ୟସ୍ତ କରି ପାରୁନାହାନ୍ତି । ସେଥିପାଇଁ ଆଇନଗତ ପ୍ରତିବନ୍ଧକ ରହିଛି । ସରକାର ତୁରନ୍ତ ଏହା ଉପରେ ପଦକ୍ଷେପ ନେବା ଆବଶ୍ୟକ ବୋଲି କୁଜାମେଣ୍ଡି ପଞ୍ଚାୟତ କୁମ୍ଭୀକିଳା ବିଦ୍ୟାଳୟରେ ଅନୁଷ୍ଠିତ ସଭାରେ ମତ ପ୍ରକାଶ ପାଇଛି । ସୁଲତା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବେହେରାଗଡ,ଆମ୍ବଲିମ୍ବା, କୁମ୍ଭୀକିଳା, କୁରାଡିନିଶା, କରଡିଗଡ ଆଦି ୧୦ ଗ୍ରାମର ଗ୍ରାମବାସୀ ଏକତ୍ରିତ ହୋଇ ଜଙ୍ଗଲ ଅଧିକାର ଆଇନ୍ କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ । ଏ ସଂକ୍ରାନ୍ତରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଉକ୍ତ ସଭାରେ ବିଶ୍ୱନାଥ ନାୟକ, ସୁରେନ୍ଦ୍ର ମଳିକ ପ୍ରମୁଖ ଉପସ୍ଥିତ ଥିଲେ ।


ଆୟୋଜିତ ସଭାରେ ଯୋଗ ଦେଇଥିବା ଗ୍ରାମବାସୀ ।

# ମାମୁ ଭଣଜା ପଥର ଉପରେ ନଜର

**ଖଣ୍ଡପଡ଼ା,୨୩।୮(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ନିକଟରେ ଥିବା ମାଣଗୌଣୀ ପଥର ଉପରେ ଏବେ ମାଫିଆଙ୍କ ଆଖି ପଡିଛି । ସେଠାରେ ବ୍ଲାଷ୍ଟିଂକରି ପଥର ଚାଲାଣ କରୁଥିବା ବ୍ୟକ୍ତିମାନେ ସେହି ପଥରକୁ ବି ବିକ୍ରି କରିଦେଇ ପାରନ୍ତି ବୋଲି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି ।

ସୂଚନା ଅନୁଯାୟୀ, କଣ୍ଟିଲୋ ଶ୍ମଶାନ ଚଣ୍ଡୀ ମନ୍ଦିର ନିକଟ ଭାଗବତ ମୁଣ୍ଡିଆରେ ସେରେଣ୍ଡା ନାମରେ ଏକ ବିରାଟ ପଥର ରହିଛି । ଏହି ପଥର ମଝିରେ ଥିବା ଖାଲରେ ବର୍ଷାଦିନେ ଜମାହୋଇ ରହୁଥିବା ପାଣିକୁ ଜୀବଜନ୍ତୁଙ୍କ ସହ ତୃଷାର୍ତ୍ତ ଲୋକମାନେ ପିଇ ତୃଷା ମେଣ୍ଟାଉ ଥିଲେ । ମାତ୍ର କେତେଜଣ ବ୍ୟକ୍ତି ସେହି ମୁଣ୍ଡିଆକୁ ଭାଙ୍ଗିବା ଆରମ୍ଭ କରିଥିଲେ । ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁ ସେମାନେ ସେହି କାର୍ଯ୍ୟରୁ ବିରତ ରହିଥିଲେ । ଅପରପକ୍ଷେ ଭାଗବତ ମୁଣ୍ଡିଆ ନିକଟ କମେଇ ନଦୀପାର୍ଶ୍ୱ ନାଳକୁ ଲାଗି ତଳ ଉପର ହୋଇ ଦୁଇଟି ପଥର ରହିଛି । ଏହା ମାଣଗୌଣୀ ନାମରେ ପରିଚିତ । ସମୟାନୁକ୍ରମେ ବଡ ପଥରଟି କ୍ଷୟ ହେଉଥିବା ବେଳେ ଛୋଟ ପଥରଟି ବୃଦ୍ଧି ଘଟୁଥିବା ବୟସ୍କ ବ୍ୟକ୍ତିମାନେ କହିଛନ୍ତି । ଉଭୟ ମାମୁ ଭଣଜା ପଥର ବୋଲି ପରିଚିତ । ବଡ ପଥରଟି ଗୌଣୀ ଓ ତା’ ଉପରେ ଥିବା ଛୋଟ ପଥରଟିକୁ ମାଣ ବୋଲି କୁହାଯାଏ । କଣ୍ଟିଲୋ ଓ ଏହାର ଆଖପାଖ ଅଞ୍ଚଳରେ ଶସ୍ୟ ମାପିବା ପାଇଁ ପିତଳରେ ତିଆରି ମାପକୁ ମାଣ କୁହାଯାଏ । ସେହିପରି ମାଣର ୬ଗୁଣ ପରିମାଣ ଶସ୍ୟ ମାପକୁ ଗୌଣୀ ବୋଲି କୁହାଯାଏ । କମେଇ ନଦୀ କୂଳରେ ଥିବା ସମସ୍ତ ଜମିକୁ ଉକ୍ତ ପଥର ନାମ ଅନୁଯାୟୀ ମାଣଗୌଣୀ ଅଞ୍ଚଳ ବୋଲି ନାମକରଣ କରାଯାଇଛି । ଶବର ରାଜା ବିଶ୍ୱାବସୁ ଉକ୍ତ ରାସ୍ତାଦେଇ ଗଲାବେଳେ ଏହି ମାଣଗୌଣୀ ପଥର ନିକଟରେ କିଛି ସମୟ ବିଶ୍ରାମ ନେଇଥାନ୍ତି, ପରେ ସେ ନିଜ ଗନ୍ତବ୍ୟ ପଥରେ ଯାଇଥାନ୍ତି ବୋଲି ଜୟବନ୍ଧର ଯୋଗୀନାଥ ବାରିକ, କାଳିଆପଲ୍ଲୀ ଶବର ସମ୍ପ୍ରଦାୟର ମୁରଲୀ ନାୟକ, ବ୍ରଜବନ୍ଧୁ ବେହେରା ଓ ଧାନଚେଙ୍ଗଡା ପଞ୍ଚାୟତର ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ କହିଛନ୍ତି । ପ୍ରତିବର୍ଷ ମକର ସଂକ୍ରାନ୍ତିରେ କାଳିଆପଲ୍ଲୀ ବାସିନ୍ଦା ଏହି ମାମୁ ଭଣଜା ପଥର ନିକଟରେ ନାମଯଜ୍ଞ ସହ ପୂଜାର୍ଚ୍ଚନା କରିଥାନ୍ତି । ରାଖୀ ପୂର୍ଣ୍ଣମୀରେ କାଳିଆପଲ୍ଲୀ ଗ୍ରାମର ମହିଳା ଓ ପୁରୁଷମାନେ ସେଠାରେ ପହଞ୍ଚି ସଂକୀର୍ତ୍ତନ କରିଥିଲେ ।


କଣ୍ଟିଲୋ କମେଇନଦୀ ନିକଟରେ ଥିବା ମାଣ ଗୌଣି ପଥର ।

- ମାଣଗୌଣିର ସୁରକ୍ଷା ଉପରେ ଗୁରୁତ୍ୱ
- ଦିନରାତି ଚାଲିଛି ପାହାଡ଼ରେ ବ୍ଲାଷ୍ଟିଂ

ହେଲେ ଦୁଃଖର ବିଷୟ, ସ୍ଥାନୀୟ ଅଞ୍ଚଳରେ ଥିବା ପାହାଡ଼ ଓ ଜଙ୍ଗଲର ଦ୍ରୁତ ଅବକ୍ଷୟ ହେବାରେ ଲାଗିଛି । ପଥର ମାଫିଆମାନେ ସେହି ପୁରାତନ ପଥର ଉପରେ ନଜର ପକାଇଲେଣି । ନିକଟସ୍ଥ ପାହାଡ଼ରୁ ବ୍ଲାଷ୍ଟିଂ କରାଯାଇ ପଥର ଚାଲାଣ ହେଉଥିବାରୁ ଏହାର ପ୍ରଭାବ ଭାଗବତ ମୁଣ୍ଡିଆ ମାଣଗୌଣୀ ପଥର ଉପରେ ପଡିବା ଆଶଙ୍କା କରାଯାଉଛି । ଏବେଠାରୁ ପ୍ରଶାସନ ଓ ସ୍ଥାନୀୟ ଗ୍ରାମବାସୀ ମାଣଗୌଣୀ ପଥରକୁ ସୁରକ୍ଷା ଯୋଗାଇ ନ ଦେଲେ ତାହା ଅଳ୍ପଦିନ ମଧ୍ୟରେ ଧ୍ୱଂସ ପାଇବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ । ଏ ସମ୍ପର୍କରେ ଖଣ୍ଡପଡ଼ା ତହସିଲଦାର ପାର୍ଥସାରଥୀ ହାଁସଦା କୁହନ୍ତି, ଏହି ପୁରାତନ କୀର୍ତ୍ତିର ସୁରକ୍ଷା ଦିଗରେ ପ୍ରଶାସନ ପକ୍ଷରୁ ନିଶ୍ଚିତ ଭାବେ ଦୃଷ୍ଟି ଦିଆଯିବ ।

